
Those Golden Days of Life
The Almanet
2024
COME... LEARN... SERVE...
COME TO LEARN
GO TO SERVE
SILVER JUBILEE CELEBRATION-2024
JNV DHENKANAL ALUMNI ASSOCIATION



## Message from Principal

*Dear all staff and alumni,*

*I am extremely happy to learn that an annual souvenir is being published on behalf of JNV, Sarang, Dhenkanal for the year 2023-24.*

*I expect writings from all present and ex staff members and alumni to recount their days associated with the institute down their memory lane in highlighting the journey of JNV, Sarang since its inception.*

*I wish the souvenir all success.*

## Message from President, JNVDAA

*Navodaya has been the pride of my life, and I have always felt indebted being a Navodayan. Little did I know that I would be part of such a big family when I entered JNV Rengali in the year 1991 and now I witness the magic of this network every now and then. We the alumni members of JNV Dhenkanal have come together to host a Silver Jubilee Alumni Meet this year.*

*I, being the standing President of our Alumni Association feel privileged to be part of the organizing team and I am extremely thankful to Principal Ma'am, the current staff and students of JNV Dhenkanal for all the support and cooperation they extended to make this possible, without their active cooperation this would have been an insurmountable task. I am also thankful to our Executive Body Members, all the Batch representatives and all the active volunteers for putting in their best efforts to make this journey of the Silver Jubilee Celebration so special.*

*Commendable all round efforts put by our team members towards the competitions that we conducted for current students, release of the souvenir "The AlmaNet : 'Swarnima' Those Golden Days of Life", the grand spread of cultural activities, making all our ex-teachers available for us, and the huge participation from all my peers and teachers has made this all possible and strengthened all our relations. I thank everyone on behalf of the whole association. Wishing everyone to stay united like this forever.*

*Our association has a strong foundation and it still has a long way to go.*

*I hope this memorable celebration will inspire us to have many more celebrations of togetherness such as this one.*

HamiNavodaya Ho

**Soumya Mishra**
President, JNV Dhenkanal Alumni Association,
Batch: 1991-98


Editorial Board
**AdyashaaPriyadarshini Dash,2000-2007**
**Baijayanti Pradhan,1996-2002**
**Kartik Chandra Sahu 1989-1996**
**Ashutosh Sar 2001-2008**

Cover page illustration and design:
**Rashmi Ranjan Rout,1995-2002**
Inner pages illustrations and photographs design:
**Swatiprajna Sahoo, 2014-2021**



**Jawahar Navodaya Vidyalaya Dhenkanal Alumni Association, Dhenkanal, Rengali-Sarang,**
Registered under societies registration Act 1860,
Regd. No 6691/22 of 2014-15
Mail id – jnvdklalumni@gmail.com
Jawahar Navodaya Vidyalaya
At/Po-Sarang, Via-IGIT
Dist- Dhenkanal, Odisha, Pin-759146


*Alumni Account details*
A/c No :**32792651930**
Name :**JNV Dhenkanal Alumni**
Bank :**State Bank of india**Branch: **IGIT, Sarang**
IFSC Code :**SBIN0010246**
UPI – JNVDKLALUMINI@SBI

# Editorial

"It's difficult to find true love in this life. But you know what, More the difficulties, more the contentment."

ଦଶ-ଏଗାର ବର୍ଷର କଅଁଳ ମନକୁ, ଏ କଥାଟି ବୁଝିବାକୁ ପାଖାପାଖି ସାତବର୍ଷ ଲାଗିଥାଏ । ନବୋଦୟରେ ପ୍ରାଥମିକ ଜୀବନ ସହଜ ନୁହେଁ । ନିଜ କାମ ନିଜେ କରି, ନିଜ ଅଇଁଠା ବାସନ ଧୋଇ, ନିଜ ମଇଳା ଜାମାପଟା ନିଜେ ସଫା କରି, ପାଠ ପଢି, ହଷ୍ଟେଲରୁ ସ୍କୁଲ, ମେସ୍, ପୁଣି ହଷ୍ଟେଲ ଭିତରେ ସୀମିତ କିଶୋର ମନଗୁଡ଼ିକରେ ଯେତେବେଳେ ସମ୍ପର୍କର ସୂତ୍ର ମଜବୁତ ହୋଇଥାଏ, ସେତେବେଳେ ସମୟ ଆସି ଯାଇଥାଏ ବିଦାୟ ବେଳର ।

ଆଜି, ଆମ ପ୍ରିୟ ବିଦ୍ୟାଳୟ ତାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରୁଛି । ଆମେ ସ୍କୁଲଠାରୁ ଦୂରରେ ଥାଇ ମଧ୍ୟ ଆମ ପ୍ରିୟ ବିଦ୍ୟାଳୟର ଅଭିବୃଦ୍ଧି, ବିକାଶ, ପରିବର୍ତ୍ତିତ ଜୀବନଶୈଳୀ, ସ୍ମାର୍ଟ କ୍ଲାସରୁମ୍, ଆଉ ସବୁଠାରୁ ଊର୍ଦ୍ଧ୍ୱରେ ଏବେକାର ଅନ୍ତେବାସୀଙ୍କର ଉତ୍ସାହ ଏବଂ ଅନ୍ତର୍ଦୃଷ୍ଟିକୁ ଅହରହ ଦେଖି ପାରୁଛୁ । କିନ୍ତୁ, ଗୋଟିଏ ଜିନିଷ ଆଜି ବି ସେମିତି ରହିଛି । ଆମ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅସୀମ ସ୍ନେହ, ତାଙ୍କର ନିଷ୍ଠା, ଆଉ ସମୟ ସାଥିରେ ତାଳ ଦେଇ ଆଧୁନିକ ଶିକ୍ଷା ପ୍ରଣାଳୀକୁ ଆପଣେଇ ଛାତ୍ରଛାତ୍ରୀମାନଙ୍କ ଜୀବନରେ ଗଭୀର ପ୍ରଭାବ ପକାଇବା ।

ସ୍କୁଲ ଛାଡିଲା ବେଳକୁ ତିଆରି ହୋଇ ସାରିଥାଏ ମନରେ ଅନେକ ଗୁଡ଼ିଏ ସ୍ମୃତିକୁ ନେଇ କଲୋନୀଟିଏ । ସେହି ସବୁ ଛୋଟ-ବଡ଼ ସ୍ମୃତିକୁ ଗୋଟାଇ, ଅନୁଭବକୁ ଜାବୁଡ଼ି ଧରି, ସଂଘର୍ଷଠୁ ଶିଖି, ସେହି ବନ୍ଧୁ ସୌହାର୍ଦ୍ଦକୁ ସାଉଁଟି ନେଇ ଆମ ଆଲୁମିନି ସଂଗଠନ ଆଜି ଆପଣମାନଙ୍କୁ ଭେଟି ଦେଉଛି କେଇ ଫର୍ଦ୍ଦର ସ୍ମାରକପତ୍ର ସ୍ୱରୂପ **"The Almanet- 2024, ସ୍ୱର୍ଣିମା- Those golden days of life"** ।

ଆମ ନବୋଦୟରେ ପାଠପଢ଼ା ସହିତ, ସୃଜନଶୀଳତାକୁ ସମାନ ଅଧିକାର ମିଳି ଆସିଛି । ତେଣୁ, ଏହି ପତ୍ରିକାଟି ଆମେ ଉତ୍ସର୍ଗ କରୁଛୁ ସେହି ସୃଜନଶୀଳତାକୁ, ଏକ ସ୍ୱର୍ଣ୍ଣିମ ଇତିହାସ ରଚିବାର କାମନା ନେଇ ।

**ହମି ନବୋଦୟ ହୋ**

**Adyasha Priyadarshini Das**
On behalf of Team Editors

# Evolution Of JNV Dhenkanal Alumni Society

## (JNVAA, Dhenkanal)

Navodayan life starts with a roller coaster ride where a talented kid of hardly 10 years faces hardships of a government residential school far away from his/her parents, siblings and relatives. Those kids initially find it very difficult to adjust themselves in a new ecosystem where they have to take care of themselves with many rules and regulations of the school which they never had thought in their wildest dreams. But, as the time flies, the same budding talents find the sweetness of Navodayan life just like a coconut (Hard from outside and sweet from inside). The navodayan who "Come to Learn", with 7 years challenges and adjustments, an "Alumnae" is born with sweetness of Navodayan values and quality who can build a career and life full of possibilities"Goto Serve"for the society.

Former Navodaya students often maintain close bonds and form a strong support network for each other. This "Navodayan" identity is a source of pride for many. Unlike any other alumni organization, where they have many senior or super seniorswith well-established community, ourJNV Dhenkanal alumnae usedto go to society just as class 12 pass out students without a full-fledged career. Hence, it initially took a bumpy ride to create an alumni organization. Thanks to dedication, will-power and effort from many alumnae, the organization is now evolved from a group of few people to well established registered organization with its own by-law and elected/selected core committee members,batch volunteers, alumni website, social handles and 2500+ strong members.

**Let us go through some QUICK FACTSon how our alumni organization has evolved over years:-**

- Year 1993 - First Alumni batch passed out from JNV Rengali, undivided Dhenkanal district.
- Year 1999 - First Alumni event initiated by JNV school,Sarang,Dhenkanalfor old boys/girls of the school.
- Year 2003 - Alumni community created in "Yahoo-Groups" on. The yahoo group (https://groups.yahoo.com/neo/groups/JNV_Dhenkanal/info) is still there but became obsolete after we all migrated to Facebook and Whatsapp.
- Year 2008 - Formal Alumni meets with proper planning and collaboration has started.The society started mere fund contribution of Rs 2200 on year 2008 to start our own organization.
- Our Social Media handles as below. Please follow the same in respective apps

  INSTAGRAM: https://www.instagram.com/jnvd.aa

  TWITTER: https://x.com/jnvdaa

  FACEBOOK: https://m.facebook.com/groups/JNVDKL/

  YOUTUBE: https://youtube.com/@jnvdhenkanalalumniassociation
- Year 2012 - Alumni Website officially released in year 2012 with URL - http://www.jnvaa.org/. Currently the website is under maintenance.
- Year 2013 - Bank account for Alumni operation opened on year 2013 - **SBI A/C Number: 32792651930**
- Year 2015 - Alumni Society was officially applied under society registration act on year 2013 and we are happy to announce that it got formal registration certificate on 3rd Feb 2015 with Registration Number - **DKL 6691/22 of 2014-15**.
- With the success of annual Alumni meets, throughout the year get-together programs has been initiated at various geo-locations. Delhi Chapter, Pune chapter, Bangalore chapter, Odisha Chapter - are formed as part of this process to connect to across globe navodayans of JNV, Dhenkanal.
- The fire of meeting old friends did stop here. Now each batch is having their own whatsapp group and also conducting their

own **BATCH GET TOGETHER** and having individual as well as batch contribution to this central Alumni body SBI account, which helps organization to work with togetherness.

- Now the organization has grown in to 25+ strong batch passouts with their batch volunteers and executive body members helping JNV Alumni Association (JNVAA), Dhenkanal of 2500+ member to prosper every year by feeling happy with our close bonding and in the same time, serving for fellow alumni, our school and whole society around us.
- **Alumni Bank account details are as below. We can donate individually or as a BATCH anytime:-**

  ACOUNT NAME : J.N.V DHENKANAL ALUMNI

  State Bank of India, IGIT, Sarang Branch

  SBI A/C Number : **32792651930**

  SBI IFSC CODE : **SBIN0010246**

  UPI : **jnvdklalumini@sbi**

**Special Initiatives, Actvities and Achievementsby JNV Alumni Association (JNVAA), Dhenkanal:-**

- Year 2011 - There was urgent medical emergency for one fellow alumnus. A medical fund created with great collaboration and within a short span of 1-month fund collection drive, an amount of little more than One Lakh rupees was collected. As the amount could not be utilized, it was kept as fixed deposit and was used in 2015. It was the first success of our Collaboration.
- Year 2012 - Special Bus service was started to gather more alumni (mainly students and non-job holders) from Bhubaneswar to JNV, Sarang.This has been also done in year 2014. Decision has been taken that, this will be done on mass request and need basis only.
- Year 2013 - School Fees Rs 12,000 for two poor students was born by Alumni Association.
- Year 2014 - Delhi Chapter, Pune chapter, Odisha Chapter, Bangalore chapter was successfully organized.
- Year 2015 - There was a rare disease and urgent medical emergency for one fellow alumnus. The Alumni Association as well as individual contributions were made to him to get financial and medical support. Please note, the Navodayan has returned back the fund given to him in 2017, when he was financially stable and also sent a heart touching thanking note.
- Year 2015 - Our first magazine - "The AlmNet- AAROHAN-An Onward Journey" was printed by Alumni Association.
- Year 2017 - One of peon of JNV Dhenkanal, who was going through Cancer Surgery and chemotherapy, was in financial crisis. His two sons are also member of our alumni association. So, our Alumni association has given the helping hand by donating from Alumni fund.
- Year 2017 - One of the bright student has been facing financial difficulty to join medical college on fresh attempt without any external coaching. Our Alumni organization has helped him like a friend in need via financial help.
- Year 2017 - Our alumni, as a founding member of NAAO (Navodaya Alumni Association, Odisha) has taken part of NPL (Naao Premier League) Cricket Tournament. And we are proud to say that, JNV Dhenkanal was won that 1st edition of NPL Tournament.
- Year 2018 - First ever Plantation Drive was taken by Alumni Organization in association with JNV school, Sarang insde the campus of JNV, Sarang on 22nd Jul 2018. It was a huge success and is definitely a small step in making a pollution free green world.
- Year 2018 - We are planning to donate huge "Mural Painting" containing artwork admiring the history of Dhenkanal/Odisha, which is planned to be inaugurated on 2018 Alumni meet.
- Year 2018 - We are planning to inaugurate our 2nd edition of Magazine- “The AlmNet-SAPTARANGA-A Journey Through The Rainbow” on 2018 Alumni meet.

- Year 2019 -Financial assistance given to an alumnae who was suffering from serious kidney disorder.
- Year 2019 - "The AlmNet - BARNALI" - the yearly magazine published.
- Year 2020 - Financial assistance given to a JNV staff suffering from Cancer.
- Year 2020 -Felicitation to 20+ old teachers conducted.
- Year 2021- During Covid period, 1st virtual alumni function was organized.
- Year 2021 - Mobile phones distributed to many needy school students of JNV Dhenkanal for online classes.
- Year 2021 - Blood donation, JNV Doctor support and psychological counselling done during Covid emergencies.
- Year 2022 - Alumni function was organized post covid with many initiatives like career counselling , plantation drive etc. Alumni donated Almirah for creating Alumni corner in school.
- Year 2023 - NAAO pre-meet was organized in by JNV Dhenkanal in association with NAAO( Navodaya Alumni Association of Odisha)
- Year 2023 - Financial assistance given to the families of two JNVianafter their untimely deathalso financial assistance for medical treatment has been given to one alumnae member
- Year 2023: Conducted different competitions Like Song,Poem writing, Quiz, Slogan, Dance, Drawing competition between school students along with Career Counselling.
- Year 2024 :Silver Jubilee for 2023-24 is planned and executed in a grand way.

**Generic activities done for AnnualAlumni Function on Last Sunday of Every Year:-**

Every Year in addition to any special programs or activities, we have a standard program which consist of below social and cultural activities which we do every year on last Sunday of the year in addition to regular get together:-

- Cash Rewards and Certificates to best students of Class 10, Class 11 and class 12 students.
- Chocolate/Gift distributions to all class students and Teachers.
- Felicitation to one or two Old/Current school Teachers or support staff.
- Cultural programs by fellow Alumni members.
- Career Counselling to Class 11 and Class 12 students by Selected Alumni from various background.
- Discussion on previous Alumni Activities and suggestion/execution offuture Alumni Society work.

First, of all, we are thankful to each member and volunteer of the organization to make Silver Jubilee 2023 -24 a success. It was done in a grand way for the first time. Still we understand that there are many more things to be done as an organization. But again, we all know that nothing big can happen in any organization if people do not work cohesively. We can succeed ONLY if we come together and work in collaboration with every member of Alumni organization. Hence, we request all of you to participate in this noble cause, share ideas, donate whole heartedly and most importantly give your time for execution by taking some work voluntarily and make our association as one of the best in the country...:

*Thank you for being part of Alumni Organization!!*

**Shiva Prasad Yadav (1996 Batch Pass Out)**
**On Behalf of JNV Dhenkanal Alumni Organization**

# ସୂଚୀପତ୍ର


| ଶୀର୍ଷକ | ଲେଖକ-ଲେଖିକା | ପୃଷ୍ଠା |
|---|---|---|
| ଭାରି ମନେପଡ଼େ... | ରଞ୍ଜନା ମିତ୍ର | ୦୭ |
| ଜୀବନର ମୂଲ୍ୟ | ସରତ ଗାଈଗରିଆ | ୦୮ |
| ମୋର ଲେଖା | ନିରୁପମା ଭଞ୍ଜ | ୦୯ |
| ସ୍ମୃତି | ସୁଦାମ ରାଉଳ | ୧୦ |
| ସମୟର ସ୍ୱରୂପ | ଓଁମ୍ ପ୍ରକାଶ ପରିଡ଼ା | ୧୧ |
| କୁମ୍ଭୀର କାନ୍ଦଣା | ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା | ୧୧ |
| ସ୍ମରଣେ | ବିଜୟ କୁମାର ସାହୁ | ୧୨ |
| ମୋ' ଜନମ କାଲୁ... | ସ୍ୱୟଂଶ୍ରୀ ବେହେରା | ୧୨ |
| ନବୋଦୟ- ଏକ ମୂଳଦୁଆ | ବୀରେନ୍ଦ୍ର କୁମାର ସାହୁ | ୧୩ |
| ଅଧୁରା ମୋ' ଆଶା | ଓଁମ୍ ପ୍ରକାଶ ପରିଡ଼ା | ୧୫ |
| କିଛିକଥା | ରାଜେନ୍ଦ୍ର ନାରାୟଣ ସାହୁ | ୧୫ |
| ସରସ୍ୱତୀ ପୂଜାର ଅନ୍ତରାଳେ | ପଞ୍ଚାନନ ଜେନା | ୧୬ |
| ମୋ କଥା... | ସୁବାସ ଚନ୍ଦ୍ର ମିଶ୍ର | ୨୦ |
| ତୁମେ | ସୁଜାତା ବେହେରା | ୨୦ |
| ଝୁରୁଛି ଭାରତବର୍ଷ | ଡ଼. ପ୍ରଶାନ୍ତ କୁମାର ବିଶ୍ୱାଳ | ୨୧ |
| ବାପା | ରାଜା ବିଶ୍ୱାଳ | ୨୨ |
| କାଗଜ କାନ୍ଥରେ | ରଶ୍ମି ରଞ୍ଜନ ରାଉତ | ୨୨ |
| ମହା ମିଳନ | ରାଜା ବିଶ୍ୱାଳ | ୨୩ |
| ମୋ ମା' ମୋ ଜୀବନ | ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା | ୨୯ |
| ସମୟ ତୁମେ ଭାରି ଅମାନିଆ | ରାଜେନ୍ଦ୍ର ବେହେରା | ୩୦ |
| ନିରବତାର ସ୍ୱର | ବୈଜୟନ୍ତିମାଳା ପ୍ରଧାନ | ୩୦ |
| ଆଶିଷ | ନାରାୟଣ | ୩୧ |
| ଶ୍ରେଷ୍ଠ ସମର୍ପଣ | ପଞ୍ଚାନନ ଜେନା | ୩୨ |
| କିଛି କଥା | ବିଶ୍ୱଜିତ ସାହୁ | ୩୩ |
| ଚିହ୍ନା ଅଚିହ୍ନା | ଦୁର୍ଯ୍ୟୋଧନ ସାହୁ | ୩୪ |
| ନୀଡ଼ ଠାରୁ ଦୂରେ | ରଶ୍ମି ରଞ୍ଜନ ରାଉତ | ୩୬ |
| ସରିତା ରଥକୁ ନେଇ ଯେତେ ସବୁ ବାଜେ ଗପ | ଗୌରାଙ୍ଗ ଚରଣ ବେହେରା | ୩୮ |
| ନବୋଦୟ : ଭିନ୍ନ ଏକ ଦୃଷ୍ଟିକୋଣ | ଶକ୍ତିପ୍ରସାଦ ମହାନ୍ତି | ୪୦ |
| ହେ ନବୋଦୟ ତୁମକୁ ନମସ୍କାର | ଡା. ସୁଶାନ୍ତ କୁମାର ବେହେରା | ୪୪ |
| | ଶୁଭମ୍ କୁମାର ବେହେରା | |

| ଶୀର୍ଷକ | ଲେଖକ–ଲେଖିକା | ପୃଷ୍ଠା |
|---|---|---|
| A Genuine Break Through Achieved | Kousik Mukherjee | 45 |
| Live A Little | Adyasha Priyadarshini Das | 47 |
| Coffin: | Raja Biswal | 47 |
| Attitude and Personality | Anshuman Sahoo | 48 |
| JNV Rengali – In My Memory Lane | Bhagirathi Bal | 49 |
| Royal Challenger Forever | Papu Kishan | 51 |
| Dandelion Butterfly that Blooms | Saswati Jena | 52 |
| Like Night Jasmine<br>Life Lessons | Adyasha Priyadarshini Das | 52 |
| Dear Death | Swatiprajna Sahoo | 53 |
| Memories of Navodaya... | Sushanta Senapati | 54 |
| Portrait of Myself in a Parallel World | Mahitosh Gopal | 55 |
| ChatGPT: The New Signature of Today's Digital Age | Mr. Rashmiranjan Sahoo | 56 |
| Meeting fellow JNV alumni in Japan | Sameer Nirupam Mishra | 58 |
| Memories | Prasanta Kumar Nayak | 59 |
| My Nostalgic days with JNV Food!!! | Suryakant Khilar | 60 |
| The JNV : An Holy Abode of Seven Years | Priyanka Samal | 63 |
| Contemplating Thanatopsis: Reflections on Life's Transience and Purpose | Sarbeswar | 64 |
| My Dream... | Tina Acharya | 65 |
| Message | Satya Tapas | 66 |
| That one line<br>The Walls | Jayashree Panda | 66<br>67 |
| Thank You, Mother! | Sujata Behera | 68 |
| That one minute... | Dr Manas Ranjan Sahoo | 69 |
| Who is Lord Jagannath? | Piyush Ranjan Ojha | 70 |
| क्यों न मिली मुझे जुगनु कभी | अभिजीत साहु | 72 |
| ये जरूरी तो नहीं | सुजाता बेहेरा | 73 |
| योगी या दीवाना | अभिजीत साहु | 73 |
| बार्ता | सर्वेश्वर जेना | 74 |

# ଭାରି ମନେପଡ଼େ...

**ରଞ୍ଜନା ମିତ୍ର**

ଡିସେମ୍ବର ୧୯୮୬ ମସିହାରୁ ଆଜି ପର୍ଯ୍ୟନ୍ତ ରେଙ୍ଗାଳୀ ବନ୍ଧ ଦେଇ କେତେ ଯେ ପାଣି ବହିଯାଇଛି; ତା'ର ହିସାବ କେହି ରଖିନାହିଁ, କିନ୍ତୁ ସେହି ରେଙ୍ଗାଳିର ଉପକଣ୍ଠରେ ରେଙ୍ଗାରଥି ପାହାଡ଼ ଉପତ୍ୟକାର ପ୍ରତିଷ୍ଠିତ ନବୋଦୟ ବିଦ୍ୟାଳୟର ଘଟଣାବଳୀ ମୋ' ମନରେ ଏବେ ବି ଉଙ୍କି ମାରନ୍ତି ।

ସତରେ ଆଜି ଖୁବ୍ ମନେପଡ଼େ ନବୋଦୟ ବିଦ୍ୟାଳୟ, ରେଙ୍ଗାଳୀର ସେ ଅସ୍ଥାୟୀ ପରିବେଶ । ଅସ୍ଥାୟୀ କ'ଣ ? ୧୯୮୬-୮୭ରୁ ଆରମ୍ଭ କରି ୧୯୯୯-୨୦୦୦ ଦୀର୍ଘ ବାରବର୍ଷ, ଏକ ଯୁଗ ।

ସେଦିନ ଥାଏ ୧୯୮୮ ମସିହା ଫେବୃୟାରୀ ମାସ । ମୋ' ବାପା, ମା'ଙ୍କ ଆଚାର ବ୍ୟବହାରରେ ଖୁସିହୋଇ ସାକ୍ଷାତ ପାଇଁ ଖବର ପଠାନ୍ତି ଶ୍ରୀଯୁକ୍ତ କୃଷ୍ଣ ଅବତାର ଗୁପ୍ତା, ପ୍ରଥମ ତଥା ଲୋକପ୍ରିୟ ଅଧ୍ୟକ୍ଷ । ଫେବୃୟାରୀ ୫ ତାରିଖ ସକାଳୁ ସକାଳୁ ତାଙ୍କ ଚେମ୍ବରରେ ପହଞ୍ଚିଯାଇ ଆମେ କେତେକ ଔପଚାରିକତା ଓ ସାକ୍ଷାତକାର ଶେଷକରି ଟିକିଏ ଆଶ୍ୱସ୍ତି ପାଇ, ତା'ର ପରଦିନ ଆରମ୍ଭ ହୁଏ ମୋ' ଚାକିରି ଜୀବନ । ପ୍ରଥମ ଦିନ ଅଧ୍ୟକ୍ଷ ସାର୍ ପରିଚିତ କରାନ୍ତି ସମସ୍ତ ଶିକ୍ଷକବୃନ୍ଦଙ୍କ ସହ ଏବଂ ଶେଷରେ ସେ ଷ୍ଟେଟ୍ ଅଫିସ୍ ରୁମ୍‌କୁ ନେଇ ଦୁଇଜଣଙ୍କ ସହିତ, ଜଣେ ମଧ୍ୟବୟସ୍କ ଓ ଅନ୍ୟ ଜଣେ ଯୁବବ୍ୟକ୍ତି, ଶ୍ରୀ ଭାଗୀରଥି ବଳ ସାର୍ ଓ ଶ୍ରୀ ବିଜୟ କୁମାର ସାହୁ ସାର, ସମସ୍ତେ ସେଠି କାର୍ଯ୍ୟ ବ୍ୟସ୍ତ ଓ ଚଳଚଞ୍ଚଳ । ମୁଁ ମଧ୍ୟ ଏକମାତ୍ର ମହିଳା କର୍ମଚାରୀ ଥିଲି ଦୀର୍ଘ ଦୁଇବର୍ଷ । ଏହି ଦୁଇଜଣ ମୋର କାମ ବିଷୟରେ ସମ୍ୟକ୍ ଧାରଣା ଦିଅନ୍ତି ଏବଂ ହଠାତ୍ ବଳସାର୍ ଘଣ୍ଟା ଶବ୍ଦ ଶୁଣି ଦୌଡ଼ିଯା'ନ୍ତି ବାହାରକୁ ।

ଖେଳଛୁଟି ହେଲା ବୋଧେ । ସମସ୍ତେ ଯାଆନ୍ତି ସାମନା ଘର ମେସ୍ ଆଡ଼େ, ଶିକ୍ଷକ ଓ ପିଲାମାନେ । ବଳସାର୍‌ଙ୍କ ସାଙ୍ଗରେ ଆମେ ଦୁଇଜଣ ବି ବାହାରିଲୁ ମେସ୍ଆଡ଼େ – ଚା' ଜଳଖିଆ ପାଇଁ । ବାହାରେ ଖୁବ୍ ଆକର୍ଷଣୀୟ ପରିବେଶ । କେତେକେତେ ଫୁଲରୁ ସୁଗନ୍ଧ ଓ ସୌନ୍ଦର୍ଯ୍ୟ ସାଙ୍ଗକୁ ମେସ୍ ପାଖ ଆମ୍ବ ବଉଳର ବାସ୍ନା ଆଜି ବି ମୁଁ ଉପଲବ୍ଧି କରିପାରୁଛି ଯେମିତି ।

୧୯୮୯ ସେପ୍ଟେମ୍ବର ୧୩ ତାରିଖରେ ମୋର ପଦୋନ୍ନତି ହେଲା । ମୋର କାର୍ଯ୍ୟକାଳର ନୁହେଁ ବରଂ ମୁଁ ସେହିଦିନଠାରୁ କାହାର ବୋହୂ, କାହାର ଭାଉଜ ଏବଂ କାହାର ସ୍ତ୍ରୀ ଭାବରେ ପରିଚିତ ହୋଇଗଲି । କିନ୍ତୁ ସେତେବେଳେ ଷଷ୍ଠରୁ ନବମ ଶ୍ରେଣୀ ସମସ୍ତ ପିଲାଙ୍କର ସେହି ରଞ୍ଜନା ମାଡ଼ାମ୍ । ସେବେଠାରୁ ମୁଁ ଅନୁଭବ କରେ ସତେଯେମିତି ସେମାନେ ମୋର ଅତି ପ୍ରିୟ ଭାଇଭଉଣୀ ଅବା ଛୁଆ ସବୁ ।

ନୂଆ କରି ଆସିଥିବା ଶ୍ରୀ ରାଜେନ୍ଦ୍ର ଦାଶ ସାର୍ ଓ ପରେପରେ ଶ୍ରୀ ହରପ୍ରସାଦ ମହାନ୍ତି ସାର୍‌ଙ୍କ ଯୋଗଦାନ ଆମକୁ ଅଧିକ ଉତ୍ସାହିତ କରିଥିଲା ।

ସମୟାନୁକ୍ରମେ ଯୋଗ ଦେଲେ ପାର୍ବତୀ ମାଡ଼ାମ୍, ଗୀତା ମାଡ଼ାମ୍, ପ୍ରଣତୀ ମାଡ଼ାମ୍, ନୀଲମ୍ ମାଡ଼ାମ୍ ଓ କମଳା ମାଡ଼ାମ୍ ।

ମୋର କିନ୍ତୁ ସେହି କାମ, ଷ୍ଟୋର-ଇନ୍-ଚାର୍ଯ୍ୟ, ପିଲାଙ୍କୁ ବ୍ୟବହାରିକ ଜିନିଷ ସହିତ ସମସ୍ତ ସାମଗ୍ରୀ ବଣ୍ଟନ ଦାୟିତ୍ୱ । ସମସ୍ତ ପିଲାଙ୍କ ଗହଣରେ ସମୟ ବିତିଯାଏ କେତେ ଖୁସି-ଆବେଗରେ । ପୁଣି ପଡ଼ିଶା ଘରେ ମହାନ୍ତି ଭାଇନା, ମିଶ୍ର ଭାଇନା ଆଦି ପରିବାର ସହିତ ।

ତା'ପରେ ଅଗଷ୍ଟ ୧୯୯୯ରେ ବିଦ୍ୟାଳୟ ରେଙ୍ଗାଳୀର ଏହି ମଧୁର ସମ୍ପର୍କ ଛାଡ଼ିବାକୁ ହେଲା । ସ୍ଥାୟୀ ସ୍ଥାନ ଅର୍ଥାତ୍ ଢେଙ୍କାନାଳର ସରାଙ୍ଗକୁ, କିନ୍ତୁ ପଛରେ ରହିଯାଏ ସେ ଅଲିଭା ଓ ଅଭୁଲା ସ୍ମୃତି, ବୋହି ନେଇଯାଏ ଗୁପ୍ତାସାର୍ ଓ ମାଡ଼ାମ୍, ବଳସାର୍ ଓ ଭାଉଜ ଜେନା ସାର୍ ଓ ଜେନା ଦିଦି ଇତ୍ୟାଦିଙ୍କ ପାଖକୁ ।

ଏବେ ମଧ୍ୟ ମୋ' ସହିତ ଯୋଡ଼ିହୋଇ ରହିଛନ୍ତି ପ୍ରିୟ ଛୁଆମାନେ, ସରିତା, ବିନ୍ଦୁ, ପ୍ରୀତି, ମଦନ, ଅବନୀ, ରଞ୍ଜନ, ସୁଶାନ୍ତ ପରି ଅସରନ୍ତି ନାମଗୁଡ଼ିଏ... ।



Ex-Staff, JNV, Dhenkanal, Now at JNV, Nayagarh
Ranjanasrajanika@gmail.com
Mob.: 9437531630, 7978206311
D.O.J. in JNV, Rengal

# ଜୀବନର ମୂଲ୍ୟ

**ସରତ ଗାଇଗରିଆ**

ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟିକୁ ଆମେ ବିଚିତ୍ର କହିବା ଠିକ୍ ହେବ ନାହିଁ । ପ୍ରତ୍ୟେକ ସୃଷ୍ଟିର କିଛି ନା କିଛି ଭୂମିକ ରହିଛି । ପଶୁପକ୍ଷୀ, ଗଛଲତା, ମଣିଷ ସମସ୍ତଙ୍କର ମହତ୍ୱ ରହିଛି । ପିମ୍ପୁଡ଼ି ଭଳି ଏକ ଛୋଟ ଜୀବଠାରୁ ଆରମ୍ଭ କରି ବିଶାଳକାୟ ହାତୀ ସମସ୍ତେ ନିଜ ନିଜର ଭୂମିକା ନିର୍ବାହ କରୁଛନ୍ତି । ସୃଷ୍ଟି ନିୟନ୍ତା ସବୁଠାରୁ ବୁଦ୍ଧିମାନ ପ୍ରାଣୀ ରୂପରେ ମନୁଷ୍ୟକୁ ତିଆରି କରିଛନ୍ତି । ଏଭଳି ଏକ ବୁଦ୍ଧିମାନ ପ୍ରାଣୀ ନିରାଶ ହୋଇ ଭାଙ୍ଗି ପଡ଼ିଥିବା ସମୟରେ ଭଗବାନ କିପରି ତା'ର ମାର୍ଗଦର୍ଶନ କରି ଜୀବନର ମୂଲ୍ୟବୋଧ ବିଷୟରେ ଜ୍ଞାନ ଦେଉଛନ୍ତି । ତାହା ଏହି କାହାଣୀ ମାଧ୍ୟମରେ ଦର୍ଶାଯାଇଛି ।

ଏକ ଗ୍ରାମରେ ହସମୁଖ ନାମକ ବ୍ୟକ୍ତି ନିବାସ କରୁଥିଲା । ନାମ ସିନା ହସମୁଖ କିନ୍ତୁ ସର୍ବଦା ମୁଖରେ ନିରାଶାର କଳାବାଦଲ ଛାଇ ରହିଥିଲା । ଘରେ ମାତା, ପିତା, ସ୍ତ୍ରୀ, ଆଉ ଦୁଇଟି ସନ୍ତାନ । ଆର୍ଥିକ ସ୍ଥିତି ମଧ୍ୟ ସ୍ୱଚ୍ଛଳ । ମଧ୍ୟମବର୍ଗ ପରିବାର ସରକାରୀ ଚାକିରି ଥାଇ ମଧ୍ୟ ନିରାଶର ଭାବ, ପରିବାର ମଧ୍ୟରେ ଥାଇ ନିଜକୁ ଏକାକୀ ଅନୁଭବ କରୁଥାଏ । ତାକୁ ଯେପରି ଲାଗୁଥାଏ ପରିବାର, ସମାଜ ଏବଂ ଚାକିରି କ୍ଷେତ୍ରରେ ତା'ର କିଛି ମହତ୍ୱ ନାହିଁ । ଏହିପରି ମାନସିକ ଚାପ ମଧ୍ୟରେ ସେ ସର୍ବଦା ଭଗବାନଙ୍କୁ ଦୋଷ ଦେଉଥାଏ । ଅନେକ ପୂଜା ପାଠ, ବ୍ରତ, ଉପବାସ ମଧ୍ୟ କଲା ତଥାପି କେଉଁଥିରେ ମାନସିକ ଶାନ୍ତି ନାହିଁ । କଥାରେ ଅଛି, "ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି" ସେହିପରି ଅବସ୍ଥା ହେଲା ହସମୁଖର, ଚିନ୍ତାର କାରଣ ନିଜେ ମଧ୍ୟ ଜାଣି ପାରୁନଥାଏ । ଏହି ହତାସ ଭିତରେ ସେ ଆତ୍ମହତ୍ୟା କରିବା ପାଇଁ ନିଶ୍ଚୟ କଲା । ଘରୁ ବାହାରିଗଲା ରାସ୍ତାରେ ଯାଉଥିବା ସମୟରେ ଏକ ମନ୍ଦିର ପଡ଼ିଲା । ସେ ଚିନ୍ତାକଲା ଏତେ ପ୍ରାର୍ଥନା କଲା ପରେ ମଧ୍ୟ ଠାକୁରେ ତା' କଥା ଶୁଣିଲେନି, ଆଜି ଶେଷଥର ପାଇଁ ଭଗବାନଙ୍କୁ ଦର୍ଶନ କରି ଚାଲିଯିବି । ଏହା ଚିନ୍ତାକରି ସେ ମନ୍ଦିରକୁ ଯାଇ ଭଗବାନଙ୍କୁ ନିଜର ଆତ୍ମହତ୍ୟାର ଦୋଷ ଦେଲା ଆଉ ପ୍ରଣିପାତ କଲା । ସୃଷ୍ଟିକର୍ତ୍ତା ଅନ୍ତର୍ଯ୍ୟାମୀ ନିଜ ସୃଷ୍ଟିକୁ କେମିତି ବା ନଷ୍ଟ ହେବାକୁ ଦେବେ ।

ଭଗବାନ ହସମୁଖ ସମ୍ମୁଖରେ ପ୍ରକଟ ହେଲେ । ତଥାପି ହସମୁଖ ଭଗବାନଙ୍କ ସମ୍ମୁଖରେ ଦେଖି ଖୁସି ନ ଥାଏ । ଭଗବାନଙ୍କୁ ଦୋଷାରୋପ କରି ଚାଲିଥାଏ । ଭଗବାନ ମୁରୁକି ହସି ତା' ହାତରେ ଏକ ଲାଲ ପଥର ଦେଲେ । ସେ ଆହୁରି ରାଗିକରି କହିଲା ମୁଁ ଭଗବାନଙ୍କୁ ଦୁଃଖ ଜଣାଇଲି, ତା' ସମାଧାନ ନ କରି ସେ ଏକ ପଥର ଦେଉଛନ୍ତି । ଭଗବାନ ତାକୁ କହିଲେ ଠିକ୍ ଅଛି ତୁମେ ଏ ପଥରଟିକୁ ନେଇ ବଜାର ଯାଅ ଓ ଏହାର ଉଚିତ ମୂଲ୍ୟ ନେଇ ଆସିଲେ ତୁମର ମାନସିକ ଅଶାନ୍ତି ଦୂର ହେବ । ହସମୁଖ ଭାବିଲା ଠିକ୍ ଅଛି । ଭଗବାନ ଯେତେବେଳେ କହୁଛନ୍ତି ତାଙ୍କ କଥା ଶେଷଥର ପାଇଁ ମାନିଯିବା । ହସମୁଖ ପଥରଟିକୁ ନେଇ ବଜାରକୁ ଗଲା । ରାସ୍ତାରେ ଏକ ଫଳ ବେପାରୀକୁ ପଥରଟି ଦେଖାଇ ତା'ର ମୂଲ୍ୟ ପଚାରିଲା । ଫଳ ବେପାରୀ କହିଲା ଏହି ପଥର ବଦଳରେ ୫ କିଲୋ ଆମ୍ବ ଦେଇପାରିବି । ତା'ପରେ ଆଗକୁ ବଢ଼ି ରାସ୍ତାରେ ଏକ ଆଳୁ ବେପାରୀ ପାଖରେ ପହଞ୍ଚିଲା । ତାକୁ ମଧ୍ୟ ପଥରଟିକୁ ଦେଖାଇ ତା'ର ମୂଲ୍ୟ ପଚାରିଲା । ବେପାରୀ କହିଲା ଏ ପଥରଟି ବଦଳରେ ୨୦୦ କିଲୋ ଆଳୁ ଦେଇପାରିବି । ସେ ପୁଣି ଆଗକୁ ଚାଲିଲା । ଏକ ସୁନା ଦୋକାନରେ ପଥରର ମୂଲ୍ୟ ପଚାରିଲା । ଦୋକନୀ କହିଲା ୨ ଲକ୍ଷ ଟଙ୍କା ଦେଇପାରିବି । ତା' ମନରେ କୌତୂହଳ ବଢ଼ି ଚାଲିଥାଏ । ଏ ପଥରଟିର ମୂଲ୍ୟକୁ ନେଇ ବଜାରରେ ଯାଉଯାଉ ହସମୁଖ ହୀରା ଦୋକାନରେ ପହଞ୍ଚିଲା । ଆଉ ହୀରା ଦୋକାନୀକୁ ପଥରଟି ଦେଖାଇଲା । ହୀରା ବେପାରୀ ପଥରଟିକୁ ଦେଖିଲା ମାତ୍ରେ ଏ ପଥରର ମୂଲ୍ୟ ଅସଂଖ୍ୟ । ଏହାର ମୂଲ୍ୟ ଦେବା ପାଇଁ ମୋ' ପାଖରେ ପର୍ଯ୍ୟାପ୍ତ ଧନ ନାହିଁ । ତୁମେ ଯଦି ଚାହୁଁଛ ଏ ପଥରର ମୂଲ୍ୟ ବଦଳରେ ମୋର ସମ୍ପୂର୍ଣ୍ଣ ଦୋକାନ ତୁମଙ୍କୁ ଦେଇଦେବି । ହୀରା ଦୋକାନୀ ପଥର

ବଦଳରେ ସମସ୍ତ ସମ୍ପତ୍ତି ଦେବା ପାଇଁ ରାଜି ହୋଇଗଲା ।

ତା'ପରେ ହସମୁଖ ଆଶ୍ଚର୍ଯ୍ୟ ହୋଇ ଭାବିଲା ଚାରି ଜଣ ଅଲଗାଅଲଗା ବ୍ୟକ୍ତି ପଥରର ମୂଲ୍ୟ ଭିନ୍ନରୂପେ ବତାଇଲେ କାହିଁକି ? ଏ ସବୁର ଉତ୍ତର ଜାଣିବା ପାଇଁ ଆଉ ଆଗକୁ ନ ଯାଇ ମନ୍ଦିରକୁ ଫେରିଆସିଲା । ତାକୁ ଦେଖି ଭଗବାନ ମୁରୁକି ହସି ହସମୁଖ ଠାରୁ ପଥରର ମୂଲ୍ୟ ଜାଣିବା ପାଇଁ ଚାହିଁଲେ । ସେ ଭଗବନଙ୍କୁ ସମସ୍ତ ଘଟଣା ବର୍ଣ୍ଣନାକରି କହିଲା । ତଥାପି ଭଗବାନ ମୁରୁକି ହସୁ ଥାଆନ୍ତି । ତା'ପରେ ହସମୁଖ ବ୍ୟସ୍ତ ହୋଇଗଲା ପଥରର ମୂଲ୍ୟ ଜାଣିବା ପାଇଁ । ଆପଣ ମୋତେ ଖରାରେ ବୁଲାଇଲେ, ପୁଣି ହସୁଛନ୍ତି । ତା'ପରେ ଭଗବାନ ତାକୁ ବୁଝାଇଲେ ଏହି ପଥରଟି ମଧ୍ୟରେ ମୁଁ ତୁମକୁ ତୁମ ଜୀବନର ମୂଲ୍ୟ ବିଷୟରେ ଅବଗତ କରାଉଥିଲି । ତୁମ ଜୀବନର ମୂଲ୍ୟ ମଧ୍ୟ ଏହି ପଥର ଭଳି । କେଉଁ ବ୍ୟକ୍ତି ପାଖରେ ୫ କିଲୋ ଆମ୍ବ ତ ଆଉ କେଉଁ ବ୍ୟକ୍ତି ପାଖରେ ହୀରା ବ୍ୟପାରୀର ସର୍ବସ୍ୱ ଭଳି ।

ମନୁଷ୍ୟ ନିଜର ଗୁଣ, କର୍ତ୍ତବ୍ୟପରାୟଣତା ଚିନ୍ତାଧାରା ଦାୟିତ୍ୱବୋଧ, ସହନଶୀଳତା ଆଦି ଦ୍ୱାରା ସ୍ଥାନ କାଳ ପାତ୍ର ଭେଦରେ ତା'ର ମହତ୍ୱ ପ୍ରତିପାଦିତ କରିଥାଏ । ସେଭଳି ହସମୁଖ ଜୀବନର ମହତ୍ୱ ପରିବାର, ସମାଜ କର୍ମକ୍ଷେତ୍ରରେ ମଧ୍ୟ ଅଲଗା ରହିଛି । ଯେଉଁ ବ୍ୟକ୍ତି ଅନ୍ୟକୁ ଯେପରି ଗ୍ରହଣ କରିବେ ତା'ର ଆଗରେ ସେ ବ୍ୟକ୍ତିର ମୂଲ୍ୟ ସେପରି ନିର୍ଦ୍ଧାରିତ ହେବ । ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ । ଯିଏ ଯେପରି କର୍ମ କରିଥାଏ ତାକୁ ସେହି ଅନୁସାରେ ଫଳ ପ୍ରାପ୍ତି ହୋଇଥାଏ । ତା'ପରେ ହସମୁଖ ମୁହଁରେ ହସଫୁଟିଲା । ସେ ବୁଝିପାରିଲା ତା'ର ଜୀବନର ମୂଲ୍ୟ କ'ଣ ?

ଯେଉଁ ବ୍ୟକ୍ତି ଖୁସିରେ, ଶାନ୍ତିରେ ନିଜକୁ ରଖିପାରିବେ, ତାକୁ ଅନ୍ୟ ବ୍ୟକ୍ତି, ବସ୍ତୁ ଓ ମନ୍ଦିର ଖୋଜିବାକୁ ପଡ଼ିବ ନାହିଁ । ଯେଉଁ ବ୍ୟକ୍ତି ସବୁ ପରିସ୍ଥିତିରେ ନିଜକୁ ଖୁସିରେ ରଖିପାରିବେ ସେ ସମସ୍ତଙ୍କର ପ୍ରିୟ ଏପରିକି ଭଗବାନଙ୍କର ମଧ୍ୟ ପ୍ରିୟ ହୋଇପାରିବେ ।

୧୯୮୯ ରୁ ୧୯୯୬ ନବୋଦୟ, ରେଙ୍ଗାଲୀ
ବ୍ରହ୍ମାକୁମାରୀ, ଶାନ୍ତିବନ, ଅବୁରୋଡ଼, ରାଜସ୍ଥାନ

# ମୋର ଲେଖା

**ନିରୁପମା ଭଞ୍ଜ**

ଦୃଶ୍ୟମାନ ଓ ଅଦୃଶ୍ୟ ଲୌକିକ ଓ ଅଲୌକିକର ଅନନ୍ତ କୋଟି ସ୍ଥୁଳ ଓ ସୂକ୍ଷ୍ମ ଅନୁଭବର ନାମ ହିଁ ଜୀବନ । ଏହି ଜୀବନ ପଥରେ ସଫଳତା, ବିଫଳତା, ଦୁଃଖ, ସୁଖ, ପ୍ରୀତି, ଅପ୍ରୀତି, କ୍ରୋଧ, ଘୃଣା ପରି ଅସଂଖ୍ୟ ଅନୁଭୂତିର ଦ୍ୱିଧାଗ୍ରସ୍ତ ଆଙ୍ଗୁଳି ଛୁଇଁ ଛୁଇଁ ପରିକ୍ରମା କରିବାକୁ ହୁଏ । ସେହିଭଳି ଏକ ଦ୍ୱିଧା, ଦ୍ୱନ୍ଦ, କୁଣ୍ଠା ଓ ଅନିଚ୍ଛା କୁ ନେଇ ମୋର ଶିକ୍ଷକା ଜୀବନ ଆରମ୍ଭ ହୋଇଥିଲା । ନିଜର ଛୋଟ ସଂସାର ର ସୀମା ବାହାରେ ଯେ ଏକ ସୁନ୍ଦର ପୃଥିବୀ ରହିଛି ତା'ର ଠିକଣା ଏଇ ନବୋଦୟ ବିଦ୍ୟାଳୟରୁ ହିଁ ମୁଁ ପାଇଥିଲି । ସେଇ ଉପବନରେ ଅନେକ କଢ଼ି ମହକି ଉଠିବାର ପ୍ରତିଶ୍ରୁତି ନେଇ ପ୍ରତିନିୟତ ଫୁଟି ଉଠୁଥିଲେ । ଏହାରି ମଧ୍ୟରେ ଦୀର୍ଘ ୩୦ଟି ବସନ୍ତ ବିଦ୍ୟାଳୟ ର ପ୍ରାଙ୍ଗଣରେ ଥିରି ଥିରି ପାଦରେ ଆସି ଚାଲିଗଲାଣି । କାଲିର ସେଇ କଢ଼ି ସମ୍ପୂର୍ଣ୍ଣ ରୂପେ ପ୍ରସ୍ଫୁଟିତ ହୋଇ ସମାଜକୁ ସୁଗନ୍ଧିତ କରାଇ ନିଜ ନିଜକୁ ପ୍ରତିଷ୍ଠିତ କରାଇଥିବାର ଶୁଣି ଖୁସି ଲାଗୁଛି । ଆହୁରି ଅଧିକ ଆନନ୍ଦ ମନେ କରୁଛି ଯେ ଆମରି ହାତରେ କାଉଁରୀ ପରଶରେ ଗଢ଼ି ଉଠିଥିବା ନବୋଦୟ ଆଲୁମୁନିର ଛାତ୍ରଛାତ୍ରୀମାନେ ଏହିବର୍ଷ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ କରିବା ଅବସରରେ ଏକ ସ୍ମରଣିକା ମୁଦ୍ରଣ କରୁଛନ୍ତି । ମୁଁ ମୋର ସମସ୍ତ ପିଲାମାନଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଅନେକ ଅନେକ ସଦିଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏଇମାନଙ୍କ ଗହଣରେ ବିତାଇଥିବା ବହୁମୂଲ୍ୟବାନ ସମୟ ମୋର ମାନସପଟ୍ଟରେ ଚିତ୍ରଣ ହୋଇ ରହିଛି । ସେମାନଙ୍କ ଆନ୍ତରିକ ଶ୍ରଦ୍ଧା, ସମ୍ମାନ ଆଜି ମଧ୍ୟ ମୋର ସ୍ମୃତିର ଝରକାରେ ଉଙ୍କି ମାରୁଛି । ଏହି ଗୁରୁ ଶିଷ୍ୟ ପରମ୍ପରା ତଥା ସ୍ମରଣିକାଟିର ସଫଳତା, ଉତ୍ତରୋତ୍ତର ଉନ୍ନତି ପାଇଁ ଜଗତର ନାଥ ଜଗନ୍ନାଥଙ୍କୁ ମୋର ପ୍ରାର୍ଥନ ।

**॥ ଜୟ ଜଗନ୍ନାଥ ॥**

# ସ୍ମୃତି

ସୁଦାମ ରାଉଳ

ସକାଳୁ ଉଠି ଧାଇଁଯାଉ ସବୁ
ଯେବେ ବାଜିଉଠେ ଶୁଷୁରି (ହୁଇସିଲ୍),
ମାଡ଼ ଆଉ ବିଧା ବସେ ଯିଏ ନ ପାରିବ
ପାଞ୍ଚ ରାଉଣ୍ଡ ପୁରା କରି ।

କସରତ ସାରି ଫେରିଆସୁ ପୁଣି
ଜଲ୍‌ଦି ଗାଧୋଇବା ପାଇଁ
ଲାଇନ୍ କରି ଜଣେ ପରେ ଜଣେ
ଶୀଘ୍ର ଖାଇବା ପାଇଁ ।

ଚୁଡ଼ାଭଜା, ଭାତ ଭୁଜିଆ ଖେଚେଡ଼ି, ବରା
ଉପମା ଆଉ ପୁରି ତରକାରୀ,
ଏ ସବୁ ଦରବ ଖାଇଯାଉ ସବୁ
ଥାଳିରୁ ମୂଳପୋଛ କରି ।

ପ୍ରାର୍ଥନା ସାରି ବସି ଯାଉ ପୁଣି
ଖାତା ପେନ୍ ବହି ମେଲାଇ,
Limit→ infinity, Derivative ସାଙ୍ଗକୁ Chemical Bonding
ମୁଣ୍ଡରେ ଗୋଳମାଳ କରଇ ।

ବାର ଭିତରେ ବୁଧବାର Item ଭିତରେ ମାଛ, ମାଂସ
ସମସ୍ତଙ୍କର ହୁଏ ଶ୍ରେଷ୍ଠ,
ଯେତେ ରାନ୍ଧିଲେ ବାଢ଼ିଲେ ସବୁ ହଣ୍ଡାରୁ ସରି
ପୁଣି ହୋଇଯାଏ ନିଅଣ୍ଟ ।

Evening ସାରି ମନ ପ୍ରଫୁଲ୍ଲ କରି
ବସି ଯାଉ ଡାଏନିଂରେ ସଅଳ
ଡାଲି ପାଣି ପିଇ ଖଟି କରୁ ସବୁ
ମଜ୍ଜା କରିଥାଉ ପ୍ରବଳ ।

ଦିନ ପରେ ଦିନ ମାସ ପରେ ମାସ
ବିତିଯାଏ ସାତ ବରଷ
ମନେପଡ଼େ ଯେବେ ଗୋଟି ଗୋଟି ସ୍ମୃତି
ଭରିଦିଏ ଆନନ୍ଦର ହରଷ ।

ଯେତେ ବଖାଣିଲେ ରାତି ପାହିଯିବ ସତେ
ସେ ସବୁ ଅଭୁଲା ଦିନର ଗାଥା,
ବହୁତ କଥା, ବହୁତ ବାର୍ତ୍ତା, ସ୍କୁଲ୍ ଶିଖେଇଛି
ସଫଳ ପାଇଁ ଏ ଜୀବନ ଯାତ୍ରା ।

(୨୦୦୮ ବ୍ୟାଚ୍)



# ସମୟର ସ୍ୱରୂପ

ଓଁମ୍ ପ୍ରକାଶ ପରିଡ଼ା

ମଣିଷ ଜୀବନେ ସମୟର ମୂଲ୍ୟ
ବୁଝ ବା ନବୁଝ କେହି
ସମୟର ଧାରା ବହେ ଅବିରତ
ପ୍ରାଣୀର ଭାବନା ନେଇ ॥

ସମୟଟି ଟିକେ ଲାଗିଥାଏ ଧୀର
ଥିଲେକେ ଅପେକ୍ଷା ରତ
ବିଳମ୍ବରେ ଥିଲେ ସତେଅବା ଲାଗେ
ସମୟଟି ଥାଏ ଦ୍ରୁତ ॥

ଦୁଃଖ ଯେବେ ଆସେ ଚିନ୍ତାଭୟ ଗ୍ରାସେ
ସମୟଟି ଭୟାନକ
ସୁଖର ସପନ ସାଉଁଟିଲା ବେଳେ
ସମୟଟି ଥାଏ ସ୍ୱଳ୍ପ ॥

ହୃଦୟେ ଯନ୍ତ୍ରଣା ରହିଥିଲେ ଭରି
ସମୟଟା ସୀମାହୀନ
ବିରକ୍ତି ବେଳରେ ଯେମିତି କି ଲାଗେ
ଲମ୍ବା ତା'ର ବ୍ୟବଧାନ ॥

ସମୟ ସୂଚାଏ ଘଡ଼ିଟିଏ ସିନା
ସଦା ସେ ପରିବର୍ତ୍ତିତ
ଆମ ଭାବନାରେ ଆମ ଚେତନାରେ
ସଦା ସେ ପରିଚାଳିତ ॥



ର ହାତୁ ଗଲେ ଖସି
ସ ନାହିଁ ଫେରି
ୁଝ ସମୟର ମୂଲ୍ୟ
ଳମ୍ବ ନକରି ॥

PM Shri J.N.V. Sarang, Dhenkanal
Class-11th, F.M.M.

# କୁମ୍ଭୀର କାନ୍ଦଣା

ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା

ନାରୀର ଅସ୍ତିତ୍ୱ ମନର ଚେତନା
ଜାଣିବାକୁ ପ୍ରୟାସ କେ କରିଚି ବାରେ ?
ନାରୀର ଶକ୍ତି ନାରୀର କୀର୍ତ୍ତି
ଭୂବନ ବିଦିତ ଆରେ ।

କାହାର ଯେ ପତ୍ନୀ କାହାର ଭଗିନୀ
କାହାର ସୁପୁତ୍ରୀ ପୁଣି କାହାର ଜନନୀ
ସବୁ ସେ କରିଛି ସବୁ ସେ ସହିଛି
ମନରେ କ୍ଲେଶ ନରଖି ଥରେ ।

କାନ୍ଧରେ କାନ୍ଧ ମିଶାଇ
ପାଦରେ ପାଦ ମିଶାଇ
କଣ୍ଟାମୟ ରାସ୍ତାକୁ ଅତିକ୍ରମ କରିବାକୁ
ନେଇଛି ସେ ଦୃଢ଼ ସଂକଳ୍ପ
ଦୁହିତା ଭାବରେ ଦୁଇକୂଳ ହିତ ହୋଇ
ଜଳାଇ ରଖିଚି ବଂଶର ମନ
ସ୍ନେହମୟୀ ଜନନୀ ଭାବରେ
ସନ୍ତାନର ଅଳିଅଝଟକୁ ସହିଛି ସେ ପ୍ରତିଦିନ
ଲୋକଙ୍କର କେତେ ନିନ୍ଦା ଅପମାନ
ନାରୀ ସତୀତ୍ୱ ଉପରେ ତୀକ୍ଷ୍ଣ ନଜର
ଏ ସମାଜଟା ଦୁଃଖ ଦେଇଛି କଷ୍ଟ ଦେଇଛି
ବୁଝିବାରେ ନାରୀର ଅନ୍ତର ବେଦନା
ସୃଷ୍ଟିଠାରୁ ଆଜି ପର୍ଯ୍ୟନ୍ତ
ପାଳନ କରି ଆସିଛି ତା' କର୍ତ୍ତବ୍ୟ
ଅନ୍ତର ବେଦନା ଅନ୍ତରରେ ଚାପି
ପୂରଣ କରି ଆସିଛି ସଭିଙ୍କ ମନସ୍କାମନା ।

– 9th –
2020 – 6th

# ସ୍ମରଣେ

**ବିଜୟ କୁମାର ସାହୁ**

ସେ ଏକ ଅବିସ୍ମରଣୀୟ ଐତିହ୍ୟ,
ଆଙ୍କିହୋଇ ଉଙ୍କିମାରେ ମାନସପଟ୍ଟରେ,
ଇଚ୍ଛାହୁଏ ବାରମ୍ବାର କରି ଆବିଷ୍କାର,
ସମର୍ପଣ କରନ୍ତି କି ପ୍ରଭୁଙ୍କ ପୟରେ ॥

ଉଚ୍ଚଆଶା ଅଭିଳାଷ ଥିଲା ସ୍ମୃତି ବନେ,
ଭାବିଥିଲି ହେବ ପ୍ରାଣ ପୁଲକିତ ଆଶ୍ରାରେ ତାହାର,
ଯେଉଁଠାରେ ନଥିବ ତିଳେମାତ୍ର ଦୁଃଖ,
କ୍ଳେଶ ଅବା କୁହେଳିକାର ଛାୟା,
ଆଉ କି ନଥିବ ସେଠି ଛଦ୍ମବେଶଧାରୀଙ୍କ ମିଥ୍ୟା ଆଶ୍ୱାସନା ॥

ନବୋଦୟ ଶିବିରେ ମୋ' ଲବ୍ଧ କର୍ମପନ୍ଥା,
ସଜାଏ ନିଜକୁ କର୍ମଠ, ନିଷ୍ଠାପର ତଥା ନିପୁଣ ସୈନିକ ସ୍ୱରୂପ,
ଯାହାପାଇଁ ଉତ୍ସର୍ଗୀକୃତ ଜୀବନ, ସାଧନା, ତଥା
ବଞ୍ଚିବାର ସମସ୍ତ ପାଥେୟ ॥



ଜୀବନ ସଂଗ୍ରାମେ ବ୍ରତୀ ହୋଇ ଚିରଦିନ,
କେତେ ବ୍ୟଥା, କଷ୍ଟ ପୁଣି ଉତ୍‌ଥାନ ପତନ,
ପରିତ୍ୟାଗ କରି ଦ୍ୱିଧା କିମ୍ବା ଅନୁଶୋଚନା,
ଦିଗ୍‌ବଳୟ ଛୁଇଁବାକୁ ବ୍ୟଥିତ ମୋ' ମନ ॥

ଏ ଯୁଦ୍ଧକ୍ଷେତ୍ରେ ନହୁଏ ମଣିଷ ସଂହାର,
ନହୁଏ ସୀମା ବିବାଦ ଅଥବା ହିଂସାର ପ୍ରହାର,
ସୁମଣିଷ, ବୈଜ୍ଞାନିକ, ଯନ୍ତ୍ରୀ ଓ ଡାକ୍ତର,
ଗଢ଼ିବାର ସ୍ୱପ୍ନ ନେଇ ଉତ୍ସାହିତ ସୈନିକ ତାହାର ॥

ଇଚ୍ଛାହୁଏ ଉଡ଼ିବାକୁ ନୀଳ ଗଗନରେ,
ଆଗାମୀ ଦିନର ଶାନ୍ତି କପୋତଟେ ହୋଇ,
ଇଚ୍ଛାହୁଏ ଲଢ଼ିବାକୁ ସଦା ଦେଶପାଇଁ,
ଜଗନ୍ନାଥ ପ୍ରଭୁଙ୍କର ଆଶୀର୍ବାଦ ନେଇ ॥

Now at JNV, Nayagarh, Odisha
Mob.: 9437125775
E-mail: bijayakumarudc@gmail.com

# ମୋ' ଜନମ କାଲୁ...

**ସ୍ୱୟଂଶ୍ରୀ ବେହେରା**

ମୋ' ଜନମ କାଲୁ କେତେ ଯେ ସହୁଛୁ,
କେତେ ବା ସହିବୁ ଆଉ ।
ନିଜେ କାନ୍ଦିକାନ୍ଦି ମୋତେ ହସେଇଛୁ,
କେତେ ସୁଖ ତୁ ଯେ ଦଉ ।
ରାତି ଅଧେ ମୋତେ ନିଦ ନ ଆସିଲେ,
ତୁ ଯେ ଶୋଇ ନଥାଉ ।
ମଜାମଜା କେତେ ରାଜା ରାଣୀ ଗପ,
ପେଡ଼ି ତୁ ଖୋଲି ଥାଉ ।
ବିପଦ ଆସିଲେ ମୋ' ଉପରକୁ,
ତୁ ଯେ ସୁରକ୍ଷା ଦଉ ।
ସବୁବେଳେ ତୁ ଠାକୁରଙ୍କ ପାଖେ,
ମୋ' ଶୁଭ ମନାସୁ ଥାଉ ।
ଅଝଟ କଲେ ମୁଁ ଗାଳି ମୋତେ ଦେଇ,
ପରେ ଦୁଃଖ କରିଥାଉ ।
ଘରେ ମୁଁ ନଥିଲେ ଖୁସିବାସୀ ଦିନେ,
ମନେ ତୁ ପକଉଥାଉ ।
ଭୁଲ୍ କରେ ଅବା ଠିକ୍ କରେ ମୁଁ,
ସପକ୍ଷରେ ମୋର ଥାଉ ।
ଠିକ୍ ପଥରେ ଚାଲିବା ପାଇଁ ତ,
ସବୁବେଳେ ପ୍ରବର୍ତ୍ତାଉ ।
ମୋ' ଜୀବନ ଲାଗି ତୋ' ଜୀବନକୁ ତୁ,
ଦବାକୁ ଆଗେଇ ଥାଉ ।
ତୋ' ଜୀବନ ଠାରୁ ମୋତେ ଭଲପାଉ,
ତୁ ପରା ମୋ' ବୋଉ ।

# ନବୋଦୟ- ଏକ ମୂଳଦୁଆ

**ବୀରେନ୍ଦ୍ର କୁମାର ସାହୁ**

ନଦୀ, ଅରଣ୍ୟରେ ଭରା ଅଖ୍ୟାତ ଗ୍ରାମଟିଏ । ସହରୀ ସଭ୍ୟତାଠାରୁ ସମ୍ପୂର୍ଣ୍ଣ ଦୂରରେ । କୃଷି ତଥା ଜଙ୍ଗଲୀ ଦ୍ରବ୍ୟ ସଂଗ୍ରହ ହିଁ ଏଠାକାର ଲୋକମାନଙ୍କର କୌଳିକ ବୃତ୍ତି । ସହରରୁ ବ୍ୟବସାୟୀ ଆସି ଏଠାକାର ବଜାରରେ ସହରୀ ଦ୍ରବ୍ୟ ବିକ୍ରି କରନ୍ତି ଏବଂ ଜଙ୍ଗଲୀ ପଦାର୍ଥ ସହରକୁ ନେଇ ଯାଆନ୍ତି । ଗାଁ'ଟିରେ ପ୍ରାୟ ଘରସବୁ ଚାଳଛପର ବା କାଁ ଭାଁ କେତୋଟି ଇନ୍ଦିରା ଆବାସ । ସରକାରୀ ସୁବିଧାରୁ ଗାଁ'ଟି ପ୍ରାୟ ବଞ୍ଚିତ କହିଲେ ଚଳେ । ଆଉ ଏହାର ମୁଖ୍ୟ କାରଣ ହେଲା ସଚେତନତାର ଅଭାବ । ଏଠାକାର ଲୋକେ ପ୍ରାୟ ନିରକ୍ଷର ବା ଅଳ୍ପପାଠୁଆ । ଗାଁ' ଛାଡି କେବେ ବାହାର ଦୁନିଆକୁ କେହି ପାଦ ଦେଇ ନଥିବାରୁ ଏମାନଙ୍କର ଜ୍ଞାନ ଓ ଜୀବନ କେବଳ ଏହିଠାରେ ହିଁ ସୀମିତ ହୋଇ ରହିଯାଇଥିଲା ।

କିନ୍ତୁ ସମୟ ବଦଳିଲା । ଗାଁ'ରୁ ତିନି ଜଣ ଯୁବବନ୍ଧୁ ଗାଁ'ର ଏହି ଚିରାଚରିତ ଦୟନୀୟ ଜୀବନଶୈଳୀରେ ପରିବର୍ତ୍ତନ ଚାହୁଁଥିଲେ । ସେମାନେ ଜାଣିଥିଲେ ଯେ ସେଥିପାଇଁ ସେମାନଙ୍କୁ ସହରାଭିମୁଖୀ ହେବାକୁ ପଡ଼ିବ । ତେଣୁ ସେମାନେ ଗାଁ'କୁ ଆସୁଥିବା ଜଣେ ବ୍ୟବସାୟୀଙ୍କ ମାଧ୍ୟମରେ ସହରର କୌଣସି କମ୍ପାନୀରେ ନିଜ ପାଇଁ କାମଟିଏ ଯୋଗାଡ଼ କଲେ । ଗାଁ'ରେ ସବୁଲୋକ ତାଙ୍କ ତିନିଜଣଙ୍କ ନିଷ୍ପତ୍ତି ପାଇଁ ପ୍ରଶଂସା କଲେ । କାରଣ, ନିଜ ଭିଟାମାଟି, ନିଜ ଲୋକମାନଙ୍କୁ ଛାଡ଼ି ଯିବାଟା କମ୍ କଥା ନଥିଲା ।

ପିଲା ତିନୋଟି ସହରକୁ ତ ପଳେଇ ଆସିଲେ ହେଲେ, ସହରର ପ୍ରଦୂଷଣ, ଭେଜାଲ ଖାଦ୍ୟ ଓ ଚାଲାକ୍ ଲୋକଙ୍କ ସହିତ ଖାପ ଖୁଆଇ ଚଳିବା ସେମାନଙ୍କ ପାଇଁ ବହୁତ କଷ୍ଟସାଧ୍ୟ ମନେହେଲା । ଶେଷରେ, ସହରୀ ପରିସ୍ଥିତିକୁ ମୁକାବିଲା ନ କରିପାରି ସେମାନଙ୍କ ମଧ୍ୟରୁ ଜଣେ ପିଲା ଗାଁ'କୁ ଫେରି ଯିବାର ନିଷ୍ପତ୍ତି ନେଲା ଓ ଗାଁ'କୁ ମଧ୍ୟକୁ ଫେରିଆସିଲା । ଆଉ ଦୁଇ ଜଣ ସେହି କଷ୍ଟକର ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ଧରି ରହିଗଲେ । କିଛିଦିନ ପରେ, ସେମାନେ ସହରୀ ପରିସ୍ଥିତି ସହ ଖାପଖୁଆଇବା ଶିଖିଗଲେ । କିଛି ସାଙ୍ଗସାଥୀ ମଧ୍ୟ ବନିଗଲେ ସମୟକ୍ରମେ କାମରେ ସେମାନଙ୍କର ମନ ଲାଗି ଗଲା, ଆଉ ସେମାନେ ଅଧିକ ରୋଜଗାର ଓ ସଞ୍ଚୟ କରିବା ଆଶାରେ କିଛି ବର୍ଷ ପାଇଁ ସହରରେ ହିଁ ରହିଗଲେ ।

ସେଠାରେ କିଛି ବର୍ଷ ବିତାଇବା ପରେ ସେମାନେ ଗାଁ'କୁ ଫେରିଲେ । ଏତେ ଦିନ ସହରରେ ରହି, ତାଙ୍କର ଚାଲିଚଳଣି, ପୋଷାକ ସବୁ ପରିବର୍ତ୍ତିତ ହୋଇ ଯାଇଥିଲା । ଗାଁ' ଲୋକଙ୍କ ପାଇଁ ସେ କୌଣସି ଉପରପାହ୍ୟା ଲୋକଙ୍କଠାରୁ କମ ନଥିଲେ । ଭଲ ପଇସା ସଞ୍ଚୟ କରିଥିବାରୁ ସେମାନେ ପ୍ରଥମେ ନିଜ ଚାଳ ଘରକୁ ଭାଙ୍ଗି ସୁନ୍ଦର କୋଠା ଦୁଇଟି ନିର୍ମାଣ କଲେ, ଘରେ ସୁନ୍ଦରସୁନ୍ଦର ଆସବାବପତ୍ର ରଖିବା ସହିତ, ବାକିସବୁ ସୁବିଧା କଲେ । ଏହା ଦେଖି ଆଖପାଖ ଅଞ୍ଚଳରେ ତାଙ୍କ ପ୍ରଶଂସାର ଛୁଅ ଛୁଟିଲା । ଲୋକମାନେ ନିଜ ଝିଅଙ୍କୁ ବିବାହ ଦେବା ପାଇଁ ତାଙ୍କ ଘର ଆଗରେ ଧାଡ଼ି ବାନ୍ଧିଲେ । କିଛିଦିନ ଗଲାପରେ ଯେମିତି ସବୁକାମ ସରିଗଲା ପ୍ରଥମ ସାଙ୍ଗଜଣକ ଦ୍ୱିତୀୟ ସାଙ୍ଗକୁ ପୁଣି ସହର ଯିବା ପାଇଁ ପ୍ରସ୍ତାବ ରଖିଲା । ହେଲେ ଗାଁ'ରେ ନିଜ ମୁତାବକ ସୁବିଧା ହୋଇ ଯିବାରୁ ଦ୍ୱିତୀୟ ସାଙ୍ଗ ଜଣକ ଆଉ ସହର ଯିବାକୁ ଇଛା ପ୍ରକାଶ କଲା ନାହିଁ । ସେ ସେଇଠି ବିବାହ କରି ବଳକା ଟଙ୍କାରେ ବଡ଼ଦୋକାନ ଖଣ୍ଡେ ଦେଇ ରହିଗଲା ।

ପ୍ରଥମ ସାଙ୍ଗ ଜଣକ ଏକା ସହରକୁ ଗଲା । ଏବେ ସହର ତା' ପାଇଁ ଆଉ ଅଜଣା ହୋଇ ନଥିଲା । କର୍ମକ୍ଷେତ୍ରରେ ମଧ୍ୟ ତା'ର ସାଧୁତା ଓ ପରିଶ୍ରମ ପାଇଁ ପଦୋନ୍ନତି ହୋଇଗଲା । ଆସ୍ତେଆସ୍ତେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ଦୃତ ପ୍ରଗତି କଲା । ଏବେ ସିଏ ସହରରେ ନିଜ ପାଇଁ ସ୍ଥାୟୀ ଘରଟିଏ କିଣିଲା । ଚାରିଚକିଆ ଗାଡ଼ିଟିଏ କିଣି ସହଜରେ ଗାଁ'କୁ ଯାଇପାରିଲା । ନିଜ ପିଲାଛୁଆଙ୍କୁ ସହରୀ ଜୀବନ ଦେବା ସହ ଗାଁ'ର ଉନ୍ନତିରେ ପୂର୍ଣ୍ଣ ସହଯୋଗ କରିପାରିଲା । ଗାଁ'ର ପିଲାମାନଙ୍କୁ ସହରକୁ ନେଇ କର୍ମ ଯୋଗାଇ ପାରିଲା ।

ଗ୍ରାମବାସୀଙ୍କ ଚକ୍ଷୁରେ ଏବେ ସେ ଜଣେ ମହାନ୍ ବ୍ୟକ୍ତି ରୂପେ ପରିଗଣିତ ହୋଇ ଯାଇଥିଲା, ଯିଏକି ଗାଁ' ପରିବେଶରୁ ବାହାରିବାର ସାହାସ କରିବା ସହିତ, ସହରୀ ଜୀବନରେ ତିଷ୍ଠି ରହିଲା ଓ ନିଜର ଅକ୍ଲାନ୍ତ ପରିଶ୍ରମ ବଳରେ ନିଜର ତଥା ଗାଁ'ର ଉନ୍ନତି କରିବାରେ ସକ୍ଷମ ହୋଇପାରିଲା ।

ଅନ୍ୟ ପକ୍ଷରେ ଯେଉଁ ପିଲାଟି ଗାଁ'ରେ ଘର, ଦୋକାନ କରି ସନ୍ତୁଷ୍ଟ ହୋଇଯାଇଥିଲା ସେ ଯେନତେନ ପ୍ରକାରେ ଚଳିତ ଯାଉଥିଲା, ହେଲେ ଏବେ ତା' ପାଖରେ ଆଉ ଏତେ ଅର୍ଥ ରହୁନଥିଲା ଯେ ସେ ଆଉ କିଛି ବଡ଼ ଉନ୍ନତି କରିପାରିବ । କେବଳ ତା'ର ବଡ଼ ରଙ୍ଗ ଫିକା ପଡ଼ିଯାଇଥିବା ଘରଟି ହିଁ ତା'ର ସଫଳତାର ସନ୍ତକ ହୋଇ ରହିଯାଇଥିଲା । ଆଉ ଯେଉଁ ତୃତୀୟ ପିଲାଟି ତାଙ୍କ ସହ ପ୍ରଥମେ ସହର ଯିବାର ସାହାସ ଦେଖାଇଥିଲା ତା'ର କୀର୍ତ୍ତିକୁ କିଏ ମନେ ପକେଇଲେ ହିଁ ମନେ ପଡୁଥିଲା ।

ଏଠି ପ୍ରଶ୍ନଉଠେ ଗାଁ' ଛାଡି ସଫଳତା ପ୍ରଥମ ଏବଂ ଗୁରୁତ୍ୱପୂର୍ଣ୍ଣ ସୋପାନଟିଏ । ଏମାନେ ତିନି ଜଣ ଯାକ ଏହି ସୋପାନ ପାରି କରିଥିଲେ ହେଲେ, ତୃତୀୟ ପିଲାଟି ନିଜର ଚିରାଚରିତ ସୁବିଧା ଖୋଜିଲା । ପ୍ରତିକୂଳ ପରିସ୍ଥିତି ସହ ଖାପଖୁଆଇ ପାରିଲା ନାହିଁ ତେଣୁ ସିଏ ନିଜ ଲକ୍ଷ୍ୟସ୍ଥଳ ଆଡ଼କୁ ଯାଇପାରିଲା ନାହିଁ । ଦ୍ୱିତୀୟ ପିଲାଟି ଯେତିକି ପାଇଲା ସେତିକିରେ ସନ୍ତୁଷ୍ଟ ହୋଇ ଆଗକୁ ପରିଶ୍ରମରୁ ଓହରି ଗଲା, ତେଣୁ ତା'ର ଉନ୍ନତି ସ୍ଥିର ହୋଇଗଲା । ମାତ୍ର ପ୍ରଥମ ପିଲାଟି ତା'ର ପ୍ରଚେଷ୍ଟା ଓ କର୍ମକୁ ଅବ୍ୟାହତ ରଖିଲା । ତେଣୁ ସେ ନିରନ୍ତର ସଫଳତା ପାଇ ଚାଲିଲା ଏବଂ ସମାଜରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଲା ।

କଥାଟି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ବିଶେଷକରି ସେଇ କୁନିକୁନି ନବୋଦୟଙ୍କ ପାଇଁ, ଯେଉଁମାନେ ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ, ନିଜ ଗାଁ', ପରିବାର, ବିଦ୍ୟାଳୟ ଠାରୁ ଅଲଗା ହୋଇ ଏଠାକୁ ଆସୁଛନ୍ତି । ଛୋଟ ବୟସରୁ ଏହା ନିଶ୍ଚିତ ଭାବରେ ସେମାନଙ୍କର ଏକ ବଡ଼ ଉପଲବ୍ଧି । ସଫଳତାର ପ୍ରଥମ ଏବଂ ଗୁରୁତ୍ୱପୂର୍ଣ୍ଣ ସୋପାନ ସେମାନେ ପାର କରି ନେଇଛନ୍ତି । ଏଠିଆସି ସେମାନଙ୍କୁ ବହୁତ କିଛି ପରିବର୍ତ୍ତନର ସମ୍ମୁଖୀନ ହେବାକୁ ପଡ଼େ । ନିଜ କାମ ନିଜେ କରିବାକୁ ହୁଏ । ଅନୁଶାସନରେ ରହିବାକୁ ପଡ଼େ । ପରିବାର ଠାରୁ ଦୂରରେ ରହିବାକୁ ହୁଏ, ଆଉ ଯେଉଁମାନେ ଏସବୁକୁ ସହ୍ୟ କରି କେବଳ ନିଜର ଲକ୍ଷ୍ୟରେ ଧ୍ୟାନ ଦିଅନ୍ତି ସେମାନେ ଆଗକୁ ବଢନ୍ତି । ଦଶମ ଓ ଦ୍ୱାଦଶରେ ଭଲ ଫଳ ହାସଲ କରି ନବୋଦୟର ଗରିମାକୁ ଅକ୍ଷୁଣ୍ଣ ରଖି ଏଠାରୁ ବିଦାୟ ନିଅନ୍ତି । କିନ୍ତୁ ଏତିକିରେ ଗୌରବମୟ ଆଧ୍ୟାୟ ଶେଷ ହୋଇ ଯାଏନି । ଏଇତ ଆରମ୍ଭ ମାତ୍ର । ଯେପରି ରକେଟ୍ ଉଡ଼ିବାର ପ୍ରଥମ କିଛି ମିନିଟ୍ ଅଧିକ ଇନ୍ଧନ ନେଇଥାଏ, ସେହିପରି ଏହି ସମୟଟି ଅଧିକ କଷ୍ଟସାଧ୍ୟ ଲାଗେ ସତ, ହେଲେ ନବୋଦୟ ସେହି ମାନଙ୍କର ମୂଳଦୁଆକୁ ଏତେ ସୁଦୃଢ଼ ଓ ଶୃଙ୍ଖଳିତ କରି ଦେଇଥାଏ ଯେ ଆଗାମୀକାଲିର ପଥ ତାଙ୍କ ପାଇଁ ଅତି ସୁଗମ ହୋଇଯାଏ । କିନ୍ତୁ ଏଥିପାଇଁ ଚାଲିବାକୁ ହେବ, ଏଥିପାଇଁ ନିଜ ପରିଶ୍ରମ ଓ ପ୍ରଚେଷ୍ଟାକୁ ମନ୍ଥର କରିଦେଲେ ଚଳିବନି । ପ୍ରଚେଷ୍ଟା ଜାରି ରଖିବାକୁ ହେବ । ତା' ହେଲେ ଯାଇ ସଫଳତାର ସବୁ ସ୍ୱାଦ ଚାଖିହେବ ।

ସମାଜରେ ପିଲାମାନେ ନିଜର ଏକ ସ୍ଥାନ ତୁମେ ହାସଲ କରିପାରିବ ଏବଂ ଯେଉଁ ସଫଳତା ତୁମେ ମାତ୍ର ଦଶବର୍ଷ ବୟସରେ ପାଇପାରିଛ ତାହା କେବଳ ତୁମର ଅତୀତ କୀର୍ତ୍ତିଭାବେ ନରହି, ତୁମେ କ୍ରମାଗତ ହାସଲ କରୁଥିବା ସଫଳତାର ସୁଦୃଢ଼, ସୁନ୍ଦର ମୂଳଦୁଆଟିଏ ହୋଇ ରହିବ ଏବଂ ଭବିଷ୍ୟତରେ ଯେତେବେଳେ ତୁମେ ତୁମର ଏହି ନବୋଦୟ ସମୟଟିକୁ ମନେ ପକାଇବ ବା ନବୋଦୟରେ ପାଦରଖିବ ଏହା ତୁମ ଜୀବନର ସୁବର୍ଣ୍ଣ ଅଧ୍ୟାୟ ଥିଲା ବୋଲି ମନେହେବ । ଠିକ୍ ଯେପରି ଏବେ ଆମେ ପୁରାତନ ଛାତ୍ର-ଛାତ୍ରୀ ମାନେ ମନେକରୁଛୁ ।



# ଅଧୁରା ମୋ' ଆଶା

ଓଁମ୍ ପ୍ରକାଶ ପରିଡ଼ା

ଆଶା ମୋର ଥିଲା ପୂରଣ ନହେଲା
ଅପେକ୍ଷାରେ ଦିନ ଗଲା
କେତେ ଯେ ଅପେକ୍ଷା ନ କରିଛି ମୁହିଁ
ଆଶା ଆଶାରେ ରହିଲା ॥

ସଭିଏଁ ଜାଣିଲେ ସଭିଏଁ ବୁଝିଲେ
ସହାୟ କେହି ନହେଲେ
ସଭିଏଁ ଆସିଯେ ଦୁଃଖ ମୋର ଦେଖି
ହସି ଦେଇ ଚାଲିଗଲେ ॥

ଶୁଣିଥିଲି ଅବା ଅପେକ୍ଷାର ଫଳ
ହୋଇଥାଏ ଦିନେ ମିଠା
ସେଦିନକୁ ଆଜି ଅପେକ୍ଷା କରିଯେ
ଫଳ ହୋଇଗଲା ଖଟା ॥

ମନଦେଇ ଶ୍ରମ, ସାଧନା ଯେ କଲି
ସମୟାନୁବର୍ତ୍ତି ହେଲି
କୌଣସି କାର୍ଯ୍ୟରେ ବାଧା ମୁଁ ନଦେଲି
ପରିଶ୍ରମ କରିଗଲି ॥

ମୋର ପ୍ରତିଦ୍ୱନ୍ଦି ଆଗକୁ ବଢ଼ିଲେ
ମୁଁ ଯେ ସେଇଠି ରହିଲି
ଆହେ ଜଗନ୍ନାଥ ଜଗତର ନାଥ
ତୁମ ପାଶେ ପ୍ରଶ୍ନ ଦେଲି ॥

ଆଶା ଯାହା ଥିଲା ପୂରଣ ନହେଲା
ମନୋବଳ ଭାଙ୍ଗିଗଲା
ଏହାର କାରଣ ଖୋଜି ନ ପାଇଲି
ଅପେକ୍ଷାରେ ଦିନ ଗଲା ॥



ଏକାଦଶ ଶ୍ରେଣୀ
ଜବାହର ନବୋଦୟ ବିଦ୍ୟାଳୟ, ସରାଙ୍ଗ

# କିଛିକଥା

ରାଜେନ୍ଦ୍ର ନାରାୟଣ ସାହୁ

କିଛିକଥା
ଆସେ ଆଉ ଯାଏ
ଭସା ବାଦଲ ପରି
ସକାଳର କୁହୁଡ଼ିପରି
ମୃଦୁ ମଳୟ ପରି...
ଦେହକୁ
ମନକୁ
ରୋମାଂ୍ଚିତ କରେ
ଶିହରିତ କରେ
ଭିନ୍ନ ରଂଗରେ ରଂଗେଇ ଦିଏ
କିନ୍ତୁ ନିମିଷକେ
ଉଭେଇଯାଏ
କିଛି ନ ଥାଏ
କିଛି ନ ଥାଏ
ଜଡ଼ପରି
କାଠପରି
ପଥରପରି
ରହିଥାଏ
ପୂର୍ବପରି
ପୂର୍ବପରି...

# ସରସ୍ୱତୀ ପୂଜାର ଅନ୍ତରାଳେ

ପଞ୍ଚାନନ ଜେନା

ସବୁବର୍ଷ ପରି ୨୦୨୪ ମସିହାର ବହୁ ଆକାଂକ୍ଷିତ ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଫେବୃୟାରୀ ମାସ ୧୪ ତାରିଖ ଦିନ ବୁଧବାରରେ ପଡିଛି ଜାଣିଲା ପରେ ବିଭିନ୍ନ ମହଲରେ ଛୋଟ ବଡ଼ ପ୍ରତିକ୍ରିୟା ସବୁ ଶୁଣିବାକୁ ମିଳିଲା । କେବଳ ଏକାଦଶ ଶ୍ରେଣୀ ପିଲାଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଶ୍ରେଣୀର ଛାତ୍ରୀ-ଛାତ୍ରମାନେ ମନକଷ୍ଟରେ ଥିଲେ । ବୁଝି ପାରୁଥିବେ ଉଣା ଅଧିକେ ଆପଣମାନେ ସୁଜ୍ଞାନୀ ବିଜ୍ଞାନୀ ଜନେ !

ସପ୍ତାହରେ ଦୁଇଥର ବିରିଆନି ଓ ଆମିଷ ବାରି । ଚିକେନ୍ ବାରିଟା ବୁଧବାର ମଧ୍ୟାହ୍ନ ଭୋଜନ ବେଳେ । ମାଂସ ତରକାରୀ ତଥା ନାଲିଆ ଝୋଳଟା ବି ଗଲା ସରସ୍ୱତୀ ପୂଜା ପାଇଁ । ଗରମ ଭାତ ସାଙ୍ଗକୁ ବଙ୍କା ଭାଇଙ୍କର ଗରମଗରମ ଝୋଳ ଆଉ କେଇ ଖଣ୍ଡ ଛୋଟ ବଡ଼ ପିସ୍ କଣ୍ଠ ତଳକୁ ଗଳେଇ ଦେବାର ଯେଉଁ ନିର୍ବାର ଇଚ୍ଛା, ଯେଉଁ ଲହ ଲହକା ଦୁର୍ବାର ଅଭିପ୍ସା, ତାହା ବି ମା' ବିଦ୍ୟାଦାୟିନୀ ଛଡ଼େଇ ନେଲେ ।

ମନ ତଳେ ଗୋଟେ ଏମିତିକା ଅନ୍ତଃ ସଳିଳା ପ୍ରବାହିତ ହେଉଥିବା ବେଳେ ଉପରେ ଉପରେ ସରସ୍ୱତୀ ପୂଜା ପାଇଁ ସଜବାଜ ବି ଚାଲିଥାଏ । ବାପା-ବୋଉ -ମାମୁ-ମଉସା- ପିଉସା ମାନେ ଦୁଇ ଚାରି ଦିନ ଆଗରୁ ଆସି କତିପୟ ଭାଗ୍ୟବାନ ମାନଙ୍କୁ ନେଇ ମାର୍କେଟିଙ୍ଗ ବାହାନାରେ ନୂଆ ଡ୍ରେସ୍ କିଣି ଦେବାର ନିଆରା ଅନୁଭବ ବି ଚାଲିଥାଏ । ପୂଜା ଦିନ ତ ପିନ୍ଧା ହେବ, ଆଗାମୀ ବୁଧବାରରେ ଗାଧୋଇ ସାରିଲା ପରେ ଦେହରେ ଗଳା ହେବ । କିନ୍ତୁ ତା' ପୂର୍ବରୁ ପଲିଥିନ୍ ଖୋଲି ସାଙ୍ଗମାନଙ୍କୁ ହଷ୍ଟେଲରେ ଦେଖେଇବାରେ ଯେଉଁ ମଜା, ପୁରୀ ଖଜା ତଥା ବାଲେଶ୍ୱରୀ ଗଜା ମିଠେଇ ବି ସେତିକି ଖୁସି ଦେଇ ପାରିବ କି ନାଇଁ ସନ୍ଦେହ ?

କୌଣସି କାରଣରୁ ଅନେକ ପିଲା ନୂଆ ଜାମା-ପ୍ୟାଣ୍ଟ-ଡ୍ରେସ୍ ଅଭିଭାବକ ମାନଙ୍କଠାରୁ ପାଇ ପାରିଲେ ନାହିଁ, ସେହି ଅବଦମିତ ଦୁଃଖ, ସେହି ଅକୁହା ଅବ୍ୟକ୍ତ ମନକଷ୍ଟକୁ ଦାବି ରଖି ଶୋଇପଡ଼ିବା ବେଳେ ଭଗବାନଙ୍କ ପାଖରେ କେବଳ ପ୍ରାର୍ଥନା... ଗରିବ ଘରେ କାହିଁକି ଜନ୍ମ ଦେଲୁ, ଦରିଦ୍ର ନାରାୟଣ ବୋଲି ପରା ଜଗତେ କହି ବୁଲୁ... ଯେଉଁ ଅସମାନତାର ବିଦ୍ରୋହ କୈଶୋର ମନ-ମଗଜ-ମସ୍ତିଷ୍କକୁ ଚଢ଼ିଯାଏ ଯେ ବେଳେବେଳେ ସେହି 'ମୁଁ ପଢ଼ିବି, ମୁଁ ବଢ଼ିବି, ମୁଁ ଗଢ଼ିବି, ମୁଁ ଆଗକୁ ମାଡ଼ିବି'ର ଭୀଷ୍ମ ପ୍ରତିଜ୍ଞା ଅବଚେତନ ଅବସ୍ଥାରେ ରହିଯାଏ । ସତରେ, ସମସ୍ୟା ବି କେବେ କେବେ ଭବିଷ୍ୟତ ପାଇଁ ସୁଗମ ପନ୍ଥାର ଆଲୋକବର୍ତ୍ତିକା ସାଜିଥାଏ ।

ଏକାଦଶ ଶ୍ରେଣୀର ପିଲାମାନେ ଦୁଇ ଦିନ ପାଇଁ ପାଠପଢ଼ାରୁ ମୁକ୍ତି । ରୁଟିନ୍ ବନ୍ଧା ୟୁନିଫର୍ମ ପିନ୍ଧା ଜାଲରୁ ପୂରା ଲଗାମ ଛଡ଼ା । ମାର୍କେଟିଙ୍ଗ୍ ପାଇଁ ଯିବେ, କିଛି ଜିଭ ସୁଆଦିଆ ଖାଇବେ, ସରସ୍ୱତୀ ପୂଜା ଡେକୋରେସନ ପାଇଁ, ମୂର୍ତ୍ତି ବସେଇବା, ପ୍ୟାଣ୍ଡେଲ ପାଇଁ ସାଜ-ସଜ୍ଜାର ଉପକରଣ କିଣିବା ବାହାନାରେ । ଏ ବର୍ଷ ତାଳଚେର ମାର୍କେଟ ଯିବା ସମ୍ଭବ ହେଲାନି କାରଣ ସ୍କୁଲ ଆଗରେ ଥିବା ରାସ୍ତା ବନ୍ଦ, ଟ୍ରାଫିକ୍ ଯାମ୍, ଲମ୍ବା ଲାଇନରେ ଦୁଇ ଧାରିଆ ଟ୍ରକ୍ ସବୁ ଯେମିତି ଆଣ୍ଠେଇ ପଡ଼ି ମୌନବ୍ରତ କରି ବସିଛନ୍ତି । ପାଖ ଆଇଜିଆଇଟି ମାର୍କେଟରୁ ଯେନତେନ ପ୍ରକାରେଣ ଆବଶ୍ୟକ ସାମଗ୍ରୀ ଗୋଟେଇ ରୁଣ୍ଡେଇ ମନକଷ୍ଟରେ ଫେରିଲେ ଚାରି ସଦନର କରିତକର୍ମାମାନେ । ଆଖି ମିଶେଇ ପାରୁ ନ ଥିଲେ ଅନ୍ୟ ସାଙ୍ଗମାନଙ୍କ ସହିତ । ଚାପା ଗୁଞ୍ଜରଣ ଶୁଭୁଥିଲା - ଯାହା ହୋଇଛି ଭଲ ହୋଇଛି, ଯାହା ବି ହେବ ଭଲ ନୁହଁ ବହୁତ ଭଲ ହେବ ।

ନିମନ୍ତ୍ରଣ ପତ୍ର କମ୍ପ୍ୟୁଟରରେ ଲେଖା ଓ ପ୍ରିଣ୍ଟ୍, ସୋଲ କଟା, ବାଉଁଶ ପୋତା, ତୋରଣ ସଜା, କଦଳୀ ଗଛ ପୋତା ଇତ୍ୟାଦି କାମ ଚାଲିଥାଏ । ଗୀତ-ସାଉଣ୍ଡ ବକ୍ସ ବଜେଇ ବହୁ ଉଦ୍ଦେଶ୍ୟ ଭବନ (Multi-purpose Hall)ରେ ବିଭିନ୍ନ ପ୍ରକାର ମଉଜ ମସ୍ତିରେ ସାଜସଜ୍ଜାରେ ମସ୍‌ଗୁଲ ରହିଥିଲେ ସମସ୍ତେ କହିଲେ ଭୁଲ ହେବ । ମ୍ୟାଟ୍ରନ୍ ମ୍ୟାଡ଼ାମଙ୍କର କଡ଼ା

ନଜର ତଥା କଳା ଶିକ୍ଷୟିତ୍ରୀ ଶ୍ରୀମତୀ କସ୍ତୁରୀବାଳା ମହାରଣା ମ୍ୟାଡ଼ାମ୍‌ଙ୍କର ବାରମ୍ବାର ତାଗିଦ୍ ଛଡ଼ା ପୂରା ଦୁଇ ଦିନ ଦୁଇ ରାତି ଅର୍ଥାତ୍ ୪୮ ଘଂଟାର ପୂର୍ଣ୍ଣମାସୀ ସ୍ୱଚ୍ଛନ୍ଦତା ମୁକ୍ତ ଆକାଶର ବିହଙ୍ଗ ପରି ଅନୁମେୟ । ବରିଷ୍ଠ ଶ୍ରେଣୀ ପାଇଁ ଏଭଳି ସ୍ୱାଧୀନତା ନବୋଦୟ ବିଦ୍ୟାଳୟରେ ବୋଧହୁଏ ପରମ୍ପରାଗତ ।

ଯାହା ହେଉ ସେହି ଶୁଭଦିନ ଆସି ଧରାବତରଣ କରିଗଲା ବୁଧବାର ଦିନ ପଞ୍ଚମୀ ଶୁକ୍ଳପକ୍ଷ ମାଘ ମାସରେ । ସକାଳ ପ୍ରହରୁ ଖାଲି ଏପଟ ସେପଟ, ମିଛି ମିଛିକା ବ୍ୟସ୍ତ ବିବ୍ରତ ହେବାର ଯୋଜନା ସମ୍ଭାବନା । ତଳ କ୍ଲାସର ପିଲାମାନେ ଯାଇ ଏମ୍‌ପି ହଲରେ କେଇ ଘେରା ବୁଲି ଆସିଲେଣି, କିନ୍ତୁ ମା' ସରସ୍ୱତୀଙ୍କ ମୁହଁ ଖବରକାଗଜରେ ଆବୃତ୍ତା ।

ମନ ମାନୁନି । ଟିକିଏ ଦରି ଉପରେ ଉପବେଶନ, ପୁଣି କୁଶଳ ପ୍ରସ୍ଥାନ ।

ଦିନ ୧୦ ଟା ବେଳେ ନନା ସ୍କୁଟି ଚଢ଼ି ଆସିଲେ, ହନୁମାନ ମନ୍ଦିର ପାଖରେ ସ୍କୁଟି ରଖିଲେ, ସିଧା ଏମ୍‌ପି ହଲକୁ ପଶିଆସିଲେ । ଡେରି ହେଲାଣି । ପୁଣି ଦୁଇଟା ଘରୁଆ ପୂଜା ସାରିବାକୁ ହେବ ।

ନନାଙ୍କର ମନ୍ତ୍ର... ଯା କୁନ୍ଦେନ୍ଦୁ ତୁଷାରହାର ଧବଳା, ଯା ଶୁଭ୍ର ବସ୍ତ୍ରାନ୍ୱିତା, ଯା ବୀଣାବରଦଣ୍ଡମଣ୍ଡିତକରା, ଯା ଶ୍ୱେତପଦ୍ମାସନା - ସହିତ ୨୦୨୪ ମସିହା ସରସ୍ୱତୀ ପୂଜା ବା ଶ୍ରୀପଞ୍ଚମୀ ପୂଜାର ଆବାହନୀ ଆରମ୍ଭ ହୋଇଗଲା ।

ପିଲାମାନେ ସବୁ ସୁନ୍ଦର ଦିଶୁଥିଲେ । ସମସ୍ତେ ଗାଧୋଇ ସାବୁନ୍ ସାମ୍ପୁ ତେଲ ଲଗେଇ ନୂଆ ତଥା ସଫା କପଡ଼ା ପିନ୍ଧି ହାତରେ ନଡ଼ିଆ ଧରି ବସିଥିଲେ । ପୁଷ୍ପାଞ୍ଜଳୀ ଦେବେ, ନଡ଼ିଆ ବାଡ଼େଇବେ । ଯାହା ପାଖରେ ନଡ଼ିଆ ନାହିଁ, ସେମାନେ ବି ଗୋଟେ ଡବଲ ଖୁସିରେ କାରଣ ଖଣ୍ଡ ଦି ଖଣ୍ଡ ନଡ଼ିଆ ଚାଖିବାକୁ ମିଳିଯିବ ।

ଝିଅ ପିଲାମାନେ ପୂରା ଖୁସି ହୋଇ ଅଳପ ଅଳପ ମଲ୍ଲୀ ଫୁଲିଆ ଦାନ୍ତ ଦେଖେଇ ଗୁଲି ଗପରେ ବ୍ୟସ୍ତ ଥିଲେ । ସରସ୍ୱତୀ ପୂଜାର ସୁ-ଅବସର ତାଙ୍କୁ ପୁଣି ଥରେ ପାଖରେ ବସି ଦେହକୁ ଦେହ ଘଷି ଚବର୍ ଚବର୍ ବଲର୍ ବଲର୍ ହେବାକୁ ଯେଉଁ ଅଫୁରନ୍ତ ଆନନ୍ଦ ଉଲ୍ଲାସର ବାତାବରଣ ଆଣି ଦେଇଛି, ଅବର୍ଣ୍ଣନୀୟ ।

ନନା ପୂଜାରେ ବ୍ୟସ୍ତ, ପ୍ରିନସପାଲ ପ୍ରତିମା ମିଶ୍ର ମ୍ୟାଡାମ୍ ସଂକଳ୍ପରେ ବ୍ୟସ୍ତ, ପଦ୍ମନାଭ ପାଢ଼ୀ ସାର୍ ଭୋଗ କଟାକଟିରେ ବ୍ୟସ୍ତ, ପୂରା ଏକାଦଶ ଶ୍ରେଣୀ ବିଭିନ୍ନ ପ୍ରକାର ପୂଜା ସମ୍ବନ୍ଧୀୟ କର୍ମକାଣ୍ଡରେ ଆହୁରି ବ୍ୟସ୍ତ, ଦରିରେ ବସିଥିବା ଛାତ୍ରୀଛାତ୍ରମାନେ ଖୁସି ଗଳ୍ପରେ ବ୍ୟସ୍ତ, ଚୌକିରେ ବସିଥିବା ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ତଦନୁରୂପ କଥାବାର୍ତ୍ତା ସହିତ ମୋବାଇଲରେ ବ୍ୟସ୍ତ । ଲାଗୁଥିଲା ସରସ୍ୱତୀ ପୂଜା ଭଳିଆ ଗୋଟିଏ ପବିତ୍ର ଶୁଭ ଦିନରେ ସମସ୍ତେ ଏତେ ମାତ୍ରାରେ ବ୍ୟସ୍ତ, ଏତେ ମାତ୍ରାରେ ବ୍ୟଗ୍ର ଏକାଗ୍ର ଯେ ଭକ୍ତିପୂତ ପୁଷ୍ପାଞ୍ଜଳି ପାଇଁ ଫୁଲବଣ୍ଟା ସମୟରୁ ବେଶ୍ ଅନୁମେୟ ହେଉଥିଲା ।

'ଅଇଲେ ମାଆ ସରସ୍ୱତୀ ନିର୍ମଳବର୍ଣ୍ଣେ... ରତ୍ନ ବିଭୂଷିତ କୁଣ୍ଡଳ କର୍ଣ୍ଣେ... ଗଳାରେ ଗଜମତି ମୁକୁତାର ହାର... ଦିଅ ମାଆ ସରସ୍ୱତୀ ବିଦ୍ୟା ଭଣ୍ଡାର... ମାଇକ୍‌ରେ ଏହି ଶ୍ଳୋକ ସମସ୍ତେ ଆବୃତ୍ତି କଲେ, ଆଖି ବନ୍ଦ କରି, ହାତ ମଝିରେ ଫୁଲକୁ ଜାକି ଧରି, ପ୍ୟାଣ୍ଡେଲ ଉପରକୁ ଫୁଲ ଫୋପାଡ଼ି, ମୁଣ୍ଡିଆ ମାରି, ଶ୍ରୀଫଳ ବାଡ଼େଇ, ମଥାରେ ଟିକା ଲଗେଇ, ହାତରେ ବ୍ରତ ବାନ୍ଧି... ମା' ସରସ୍ୱତୀ କି... ଜୟ ! ମା' ହଂସବାହିନୀ କି... ଜୟ, ମା' ବିଦ୍ୟାଦାୟିନୀ କି, ଜୟ 'ଜୟଧ୍ୱନୀ ଦେଇ ମନେ ମନେ ଭଲ ପାଠ ଦେବାକୁ ଅନୁରୋଧ କରୁ କରୁ ପୂଜା ପର୍ବ ସମାପନ ହେଲା ।

ପ୍ରସାଦସେବନ ପର୍ବ ଆରମ୍ଭ ହେଲା ସଂଗେ ସଂଗେ । ଧାଡ଼ି ବାନ୍ଧି ପୁଅ ଝିଅମାନେ ଧଳା ଚଉପଦିରେ ଭର୍ତ୍ତି ଭୋଗ ଖାଉ ଖାଉ ମଝିରେ ମଝିରେ ନଡ଼ିଆ ଫାଳରୁ ଦାନ୍ତରେ କୋରିଦେବା ବି ବେଶ୍ ମନୋଜ୍ଞ ଲାଗୁଥିଲା । ମୋବାଇଲ୍‌ରେ ଫଟୋ ସବୁ ବଡ଼ ଭାଇ ଭଉଣୀ, ସାର ମ୍ୟାଡ଼ାମ୍‌ମାନେ ଗୋଟାଏ ପରେ ଗୋଟାଏ ଧଡ଼ାଧଡ଼ ଫଟାଫଟ୍ ଫଟୋ - ସେଲ୍ଫି - ଗ୍ରୁପ୍ ଫଟୋ ଉଠେଇ ଚାଲିଥିଲେ । ସେହି ସାନସାନ କୁନିକୁନି ନୀରିହ ନିଷ୍ପାପ ପିଲାଙ୍କ ବିକଳ ମୁହଁ ଦେଖି ଜାଣି ହେଉଥିଲା କି ସେମାନେ ବି ଫଟୋ ଉଠେଇବାକୁ ଉତ୍ସୁକ । ମାତ୍ର ବିଡ଼ମ୍ବନାର

ତନାଘନା । ତଳ ଶ୍ରେଣୀର ପିଲାମାନଙ୍କ ପାଇଁ କାହାରି ମନରେ ଟିକିଏ ଦୟା ବି ନ ଥିଲା କି ତାଙ୍କ ଅସ୍ଥିର ମନର ଅକୁହା ଭାଷାକୁ ଅନ୍ତତଃ ଥରେ ଅଧେ ପଢ଼ିବାକୁ ଅବା ବୁଝିବାକୁ !

ହଠାତ ମେସ୍ ବେଲ୍ ବି ବାଜିଗଲା ଅବିଳମ୍ବେ । ଅରୁଆ ଭାତ ସାଙ୍ଗକୁ ଡାଲି- ନବରତ୍ନ – ଟମାଟୋ ଖଟା ବେଶ୍ ରୁଚିକର ଲାଗିଲା । ପେଟେ ପାଣି ପିଇ ଦେଇ ବେଡ଼ରେ ଶୋଇ ଗଲା ବେଳକୁ ପୂରା ଦ୍ୱିପହର ପାର୍ । ସକାଳ ପହରୁ ବୁଲା ବୁଲି – ଉପାସ ଇତ୍ୟାଦି ଇତ୍ୟାଦି । ତେଣୁ ଖାଲି ପେଟରେ ଅନ୍ନ କେଇ ମୁଠା ପଡ଼ି ଯିବା ବେଳକୁ କୂଅରେ ଅଳିଆ ଜମା ହେଲା ଭଳିଆ ତଳିପେଟଟା ଓଜନିଆ ହେଲା । ନିଦ ମାଉସୀ କୋଳକୁ ଆଉଜି ନେଲେ ଶେଜ ଶୁଙ୍ଘୁ ଶୁଙ୍ଘୁ । ଏକେ ତ ନବୋଦୟରେ ନିଦର ମଡ଼କ । ସରସ୍ୱତୀ ପୂଜା ଦିନ ବହଳ ନିଦରେ ଯେମିତି ମା' ସରସ୍ୱତୀଙ୍କ ପାଦ ଦୁଇଟାକୁ ଯାବୋଡି ଧରି ଭକ୍ତିଭାବରେ ଲୀନ ହୋଇ ତା'ର ଉନ୍ନତ ସମର୍ପିତ ଭାବନା ଦେଖେଇ ପାରିଛି ।

କିଏ କହିଲା, ଭଜନ ସଂଧ୍ୟା ପାଇଁ ପରା ସାଇରନ୍ ବାଜିଲାଣି । ତୁ ଯିବୁନି କି ରେ ବୁନ୍ଧୁ ? ତୋ' ନାଁ ପରା ଲେଖା ଯାଇଛି । ତୁ ପରା ଆମ ହାଉସ୍‌ର ହ୍ୟୁମାନ୍ ସାଗର । ବାଥରୁମ୍ ସିଙ୍ଗର ତୋର ପ୍ରଥମ ଅବତାର, କ୍ଲାସରୁମ୍ ଗାୟକ ତା'ର ଦ୍ୱିତୀୟ ଅବତାର । ଭଜନ ପରିବେଷଣ କରି ତୁ ଆଜି ଦେଖେଇ ପାରିବୁ ଭକ୍ତି ମାଧ୍ୟମରେ ଶକ୍ତି, ଗୀତ ସଂଗୀତ ମାଧ୍ୟମରେ ତୁ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିବୁ ।

ବଉଳା କୁମ୍ଭୀର ପରି ଗଡୁଥିବା ମହାଭାଗ ଦେହରେ ଯେମିତି ଚିଆଁ ଲାଗିଗଲା । ଡେଇଁ ପଡ଼ିଲା ଭୀମ ଚିତ୍କାର କରି । ଆରେ କାଉ ! ଡାମରା କାଉ ! ତୁ ହିଁ ମୋ' ନାଁକୁ ଜାଣି ଶୁଣି ଲେଖେଇ ଦେଇଛୁ । ପୁଣି ଦଉଡ଼ା ଦଉଡି... ଭିଡ଼ାଭିଡ଼ି, ଗୋଟେ ଲମ୍ବା ଅଧ୍ୟାୟ ।

ସଂଧ୍ୟା ଆଗତ ପ୍ରାୟ । ବିକର୍ତ୍ତନ ବିଜେ କରି ସାରିଲେଣି ପଶ୍ଚିମ ଗଗନ ଦିଗବଳୟ ଚାରିକାନ୍ଥ ଡେଇଁ । କିଚିରି ମିଚିରି ଶବ୍ଦ କାକଳୀରେ ପାଖ ଗଛମାନଙ୍କରୁ ମନ୍ଦ ମଧୁର ମିଶ୍ରିତ ଶବ୍ଦ ସମ୍ଭାର । ପ୍ରସନ୍ନ ଭାଇ ସବୁ ବିଜୁଳିବତୀ ଜଳେଇ ସାରିଲେଣି । ନବୋଦୟ କ୍ୟାମ୍ପସ୍‌ଟା ଖୁବ୍ ସୁନ୍ଦର ମନୋରମ ପରିବେଶ ।

ମାଇକ୍‌ରେ ବାରମ୍ବାର ଉଦଘୋଷଣା ଆଦ୍ୟାଶା ଦିଦି ଓ ବିଶ୍ୱରୂପା ଦିଦିଙ୍କର । ଭଜନ ସନ୍ଧ୍ୟା ଆରମ୍ଭ ହେବାକୁ ଯାଉଛି । ଦୟାକରି ନୀରବତା ରକ୍ଷା କରନ୍ତୁ ଓ କୁନି କୁନି ଭଜନ ଗାୟକ-ଗାୟିକାମାନଙ୍କର ମନୋବଳ ବୃଦ୍ଧିପାଇଁ ଦୁଇ ହାତ ଖୋଲି କରତାଳି ମାଧ୍ୟମରେ ସାଧୁବାଦ ଦିଅନ୍ତୁ ।

ସଂଗୀତ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ସାରଙ୍କ ସରସ୍ୱତୀ ବନ୍ଦନା ତଥା 'ରାମ ସିଆ ରାମ୍' ରାମଧୁନ୍ ସହିତ ଭଜନ ସଂଧ୍ୟାର ଶ୍ରୀଗଣେଶ ପରିବେଶିତ ହେଲା । ବିଦ୍ୟାଳୟର ବରିଷ୍ଠ କର୍ମଚାରୀ ରବୀନ୍ଦ୍ର କୁମାର ବାରିକ ଓ ଦଶମ ଶ୍ରେଣୀର ଆଦିତ୍ୟ କୁମାର ସାହୁର ତବଲାର ତାଳ-ଲୟ ତଥା ଦଶମ ଶ୍ରେଣୀର ବିଶ୍ୱଜିତ ଓ ତୃପ୍ତି ରନର ଢୋଲକ ସହିତ କୋମଳ କରାନୁପାତ, ସୁପ୍ରକାଶ ଗିନି ଓ ପ୍ରହ୍ଲାଦ ଝୁମୁକାର ସମବେତ ମୂର୍ଚ୍ଛନାରେ ଏକ ଭାବମୟ ସଙ୍ଗୀତମୟ ପରିବେଶ ଆରମ୍ଭ କରିଦେଲା ।

ପ୍ରଥମ ଗାୟିକା ହିସାବରେ ଷଷ୍ଠ ଶ୍ରେଣୀର ଛାତ୍ରୀ କୁମାରୀ ଅନନ୍ୟା ଦେବପ୍ରୀୟା ସାହୁ ମଞ୍ଚ ଉପରକୁ ଆସି ଗୋଟେ ଜଗନ୍ନାଥ ଜଣାଣ ଗାଇବାକୁ ଆରମ୍ଭ କଲେ... କି ରଙ୍ଗ ଲଗେଇ ଦେଲୁରେ କଳା ରଙ୍ଗିଆ... ଓ ବିନା ସ୍ୱରରେ ଗଦ୍ୟ ଭଳି କୁନି ଝିଅଟି ମୁରୁକି ମୁରୁକି ହସିହସି ଗାଉଥିଲା । ଯନ୍ତ୍ର ବାଦ୍ୟକାରମାନେ ହାତ କୁଣ୍ଡେଇ ବସି ରହିଲେ । ଟୁଙ୍ଗ ଟାଙ୍ଗ ବି ଥରେ ଅଧେ କରିପାରିଲେ ନାହିଁ । ଅବଶେଷ ଗୋଟେ ରହିଗଲା ।

'ଦୟଣା ତୁଳସୀ ବାସୁଥାଉ,
ଆଖିକୁ ଶ୍ରୀମୁଖ ଦିଶୁଥାଉ
ଗରୁଡ଼ ପଛରେ ଠିଆ ହେଉ ହେଉ
ଆପେ ଆପେ ହାତ ଉଠିଯାଉ
ଏହି ଭାଗ୍ୟ ଦିଅ ମହାବାହୁ
ତୁମରି ଆଖିରେ ଆଖି ମିଶିଗଲେ
ଲୁହ ଦି' ଟୋପା ଝରି ଯାଉ ମହାବାହୁ
ଜୀବନ ସାର୍ଥକ ହେଉ ମହାବାହୁ
ଜୀବନ ସାର୍ଥକ ହେଉ'



ସପ୍ତମ ଶ୍ରେଣୀର ଛାତ୍ର ମାଷ୍ଟର ସୁପ୍ରକାଶ ପରିଡ଼ାଙ୍କ ସୁଲଳିତ କଣ୍ଠସ୍ୱରରେ ଝଙ୍କୃତ ହେଇଗଲା ଏହି ଜଗନ୍ନାଥ ଭଜନଟି । ତାଳି ମାରିବାକୁ କହିବାକୁ ପଡ଼ିଲା ନାହିଁ ଉଦ୍‌ଘୋଷିକାମାନଙ୍କୁ ।

ପରେପରେ ଶ୍ରୀମତୀ ମଧୁସ୍ମିତା ମିଶ୍ର, କେମେଷ୍ଟ୍ରୀ ମ୍ୟାଡ଼ାମ୍... ଶ୍ୟାମ୍ ତେରୀ ବଂଶୀ ପୁକାରେ..., ଦଶମ ଶ୍ରେଣୀର ଛାତ୍ରୀ କୁମାରୀ ସ୍ମୃତି ପ୍ରୀୟଦର୍ଶନୀ... ରାଧା କେସେ ନା ଜଲେ, ନବୋଦୟ ସୁପୋଲ ବିହାର ପ୍ରବାସୀ ଝିଅମାନେ... ସାକ୍ଷୀ ରାଜ ଓ ସମୃଦ୍ଧି... ମେରୀ ମା’ କୀ ବରାବର କୋଇ ନହିଁ, ଏକାଦଶ ଶ୍ରେଣୀର ଛାତ୍ରୀ କୁମାରୀ ମମତା ମୁର୍ମୁ... ଦେ ଦେ ତୋ ଶରଧା ବାଲିରୁ ଦେ... ଦଶମ ଶ୍ରେଣୀର ମାଷ୍ଟର ପ୍ରଣବ କୁମାର ବାରିକ... ଜୟ ଜୟ ଦେବ ହରେ ଓ ଚକାନୟନକୁ ଦେଲେ ଅନେଇ, ଏକାଦଶ ଶ୍ରେଣୀର ଦିବ୍ୟରନ ପ୍ରଧାନ, ଏମଏଲ ଅଂଶୁମାନ ଓ ଦିବ୍ୟଜ୍ୟୋତି ନାୟକ - ଆହେ ନୀଳ ଶଇଳ ପ୍ରବଳ ମତ ବାରଣ, ମୋ ଆରତ ନଳିନୀକୁ କର ହେ ଦଳନ, ଷଷ୍ଠ ଶ୍ରେଣୀର ଦିବ୍ୟରନ୍ - କାହ୍ନାରେ ରେ କାହ୍ନା... ଲଗାନା ତୁ ରଙ୍ଗ ଲଗାନା, ଆଦ୍ୟାଶା ସ୍ମିତିପ୍ରଜ୍ଞା ସ୍ୱାଇଁ... ଜଗନ୍ନାଥଙ୍କ ଷୋହଳ ନାମ... ଗୋଟି ଗୋଟି କରି କହୁଛି ଶୁଣ... ଇତ୍ୟାଦି ଭଜନମାନ ଗାଇ ସମବେତ ଦର୍ଶକମାନଙ୍କୁ ଝୁମେଇ ଦେବାକୁ ପାରୁପର୍ଯ୍ୟନ୍ତ ଗଳା ଫଟେଇ ମାଇକ୍ରୋଫୋନ ପରିଧି ଡେଇଁ ଚେଷ୍ଟା କରିଥିଲେ ।

ଷଷ୍ଠ ଶ୍ରେଣୀର କୁନି ଝିଅ କୁମାରୀ ସର୍ବାଣୀ ବିଶ୍ୱାଳ...

ମୋତେ ଚନ୍ଦନ ପାଣିରେ ଗାଧୋଇ ଦିଅ ଲୋ
ମୁଁ କାଳିଆ ପାଖକୁ ଯାଉଛି
ମୋତେ ତୁଳସୀ ମାଳରେ ସଜେଇ ଦିଅ ଲୋ
ମୁଁ କାଳିଆ ପାଖକୁ ଯାଉଛି
ମୋର ଦେହରେ ସେ ଗୀତ ଗୋବିନ୍ଦ ଲେଖି
ମୋର ହାତ ଦେଖି ଦୀପ ରଖି
ଆଜି କାଳିଆର ଡୋରି ଲାଗିଛି ଲାଗିଛି

ମୁଁ କାଳିଆ ପାଖକୁ ଯାଉଛି ଲୋ... ପରିବେଶକୁ ବେଶ୍ ଭାବମୟ ଭକ୍ତିମୟ ଅମୃତମୟ କରି ତୋଳିଥିଲା ।

ଏମିତି ଭଲ-ଖରାପ, ତାଳ-ସହିତ, ତାଳ-ରହିତ, ସ୍ୱର-ସଙ୍ଗମ, ବେସୁରା ଭଜନ ଗାୟନରେ ଭଜନ ସଂଧ୍ୟା ସରିବାକୁ ଯାଉଥିଲା । ମାତ୍ର ଉତ୍କଣ୍ଠାର ବିଷୟ ଏହି କି ଯେ କିଏ ଶୁଣୁଥିଲା, କିଏ ମନେମନେ ଗୁଣୁଗୁଣେଇ ଗାଉଥିଲା, କିଏ ଖୁସି ଗପ୍ପରେ ବ୍ୟସ୍ତ ଥିଲା, କିଏ ଭକ୍ତି ଭାବନାରେ ବୁଡ଼ି ଯାଇଥିଲା । ମଝିରେ ମଝିରେ ନୀରବତା ରକ୍ଷା କରନ୍ତୁ ଡାକବାଜି ଯନ୍ତ୍ରର ଡାକରା ବୋଧହୁଏ କ୍ଷଣିକ ପାଇଁ ସମସ୍ତଙ୍କୁ ସେହି ଭଜନ ସଂଧ୍ୟା ପ୍ରତି ଅଭିପ୍ରେରିତ କରୁଥିଲା ।

ବୋଧହୁଏ ପଛରେ ଛିଡ଼ାହୋଇ ମା’ ସରସ୍ୱତୀ ସୂଚେଇ ଦେଉଥିଲେ ଅତି ର୍ସବତ୍ର ଗର୍ହିତମ୍ ।

ସ୍ନାତକୋତ୍ତର ଶିକ୍ଷକ (ଇତିହାସ)
ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ସରାଙ୍ଗ
୨୩-୦୫-୨୦୧୬ ଠାରୁ କାର୍ଯ୍ୟରତ

# ମୋ କଥା...

**ସୁବାସ ଚନ୍ଦ୍ର ମିଶ୍ର**

ଅନନ୍ତ କୋଟି ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ଆମର ଏଇ ସୁନ୍ଦର ଧରା । ତା' ପୃଷ୍ଠରେ ଅସଂଖ୍ୟ ଜୀବ ମଧ୍ୟରେ ଶ୍ରେଷ୍ଠ ହେଉଛି ମଣିଷ । ତା'ର ଜନ୍ମ ଓ ମୃତ୍ୟୁ ମଧ୍ୟରେ ଥିବା ସମୟତକ ହେଉଛି ଜୀବନ । ମଣିଷ ସତତ ଏକ ସୁନ୍ଦର ଉନ୍ନତ ଜୀବନ ବିତାଇବାକୁ ନିଜକୁ ଓ ନିଜ ପରିବେଶକୁ ପ୍ରସ୍ତୁତ କରିବାକୁ ପ୍ରୟାସୀ । ଭୌତିକ ବିକାଶ ସହ ଆତ୍ମିକ ବିକାଶ ପାଇଁ ପ୍ରଯତ୍ନ କରିବାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଭାରତବର୍ଷରେ ବହୁ ପ୍ରାଚୀନ । ଦେବଭୂମି ଭାରତବର୍ଷ ସମଗ୍ର ବିଶ୍ୱର ଜ୍ଞାନଗୁରୁ । ଜନ୍ମମୃତ୍ୟ ମଧ୍ୟରେ ଅମୃତସନ୍ଧାନୀ ଭାରତୀୟ ମାନବୀୟ ମୂଲ୍ୟବୋଧ, ବିଶ୍ୱଭ୍ରାତୃଭାବନା ଓ ନୈତିକତା ଉପରେ ହିଁ ଗୁରୁତ୍ୱାରୋପ କରିଥାଏ । ସେଥିପାଇଁ ପ୍ରାଚୀନ ଗୁରୁକୁଳ ପରମ୍ପରା ମାନବଶିଶୁର ସର୍ବାଙ୍ଗୀନ ବିକାଶ ଘଟାଇ ତାକୁ ଏକ ଉନ୍ନତ ସାମାଜିକ ଜୀବନ ବିତାଇବାକୁ କ୍ଷେତ୍ର ପ୍ରସ୍ତୁତ କରୁଥିଲା । ସମୟର ଆବର୍ତ୍ତରେ ସେ ପରମ୍ପରା ବିଲୁପ୍ତ ହୋଇଥିଲେ ହେଁ ସାରା ଭାରତବର୍ଷରେ ପ୍ରତିଷ୍ଠିତ ଜବାହର ନବୋଦୟ ବିଦ୍ୟାଳୟଗୁଡ଼ିକ ତାହାର ନୂତନରୂପ କହିଲେ ଅତ୍ୟୁକ୍ତି ହେବନାହିଁ । ନୀତି ଓ ଆଦର୍ଶ, ଚରିତ୍ର ଗଠନ, ଭ୍ରାତୃଭାବର ପ୍ରତିଷ୍ଠା, ସାମାଜିକ ସହାବସ୍ଥାନ ଓ ଜାତୀୟ ସଂହତି ଭାବନା ସହ ଶିଶୁକୁ ଏକ ସରସ ଓ ସୁନ୍ଦର ସାମାଜିକ ଜୀବନ ବିତାଇବା ପାଇଁ ସକ୍ଷମ କରିବା ହେଉଛି ନବୋଦୟ ବିଦ୍ୟାଳୟର ଲକ୍ଷ୍ୟ ।

ଏ ପରିପ୍ରେକ୍ଷୀରେ ୧୯୮୬ ମସିହାରେ ରେଙ୍ଗାଲି ନଦୀବନ୍ଧାଞ୍ଚଳରେ ସ୍ଥାପିତ ଏହି ବିଦ୍ୟାଳୟ ପରବର୍ତ୍ତୀ କାଳରେ ସ୍ଥାୟୀଭାବେ ସରାଙ୍ଗକୁ ସ୍ଥାନାନ୍ତରିତ ହୋଇ ଆଜି ତା'ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରୁଥିବାର ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ମୋ ଶିକ୍ଷକ ଜୀବନର ଅର୍ଦ୍ଧାଧିକ ସମୟ ଏହି ବିଦ୍ୟାଳୟରେ ହିଁ ବିତିଛି । ଏହି ବିଦ୍ୟାଳୟର ସେଦିନର ଶିଶୁପ୍ରତିଭାସବୁ ଆଜି ରାଜ୍ୟ, ଦେଶ ତଥା ବିଦେଶରେ ନିଜ ନିଜ ପ୍ରତିଭାର ଯେଉଁ ଝଲକ ଦେଖାଉଛନ୍ତି, ତାହା ମୋ ଶିକ୍ଷକପ୍ରାଣକୁ ଉଲ୍ଲସିତ କରୁଅଛି । ନବୋଦୟ ପରିବାରର ସମସ୍ତ ସଦସ୍ୟ ସର୍ବଦା ନିବିଡ଼ ସ୍ନେହ, ଶ୍ରଦ୍ଧା ଓ ଭକ୍ତିର ବନ୍ଧନରେ ଯେ ବାନ୍ଧିହୋଇ ରହିଛନ୍ତି, କହିବା ବାହୁଲ୍ୟ ମାତ୍ର ।

ଏଇ ପୁଣ୍ୟ ଅବସରରେ ପ୍ରକାଶ ପାଉଥିବା 'ସ୍ମରଣିକା' ନିଶ୍ଚୟ ସ୍ମରଣୀୟ ହୋଇ ରହିବ । ମୁଁ ନବୋଦୟ ପରିବାରର ପ୍ରିୟ ସନ୍ତାନମାନଙ୍କୁ ଅଜସ୍ର କଲ୍ୟାଣ କରିବା ସହ ସେବାରତ ଓ ସେବନିବୃତ୍ତ ସମସ୍ତ କର୍ମଚାରୀଙ୍କୁ ମୋର ଶୁଭେଚ୍ଛା ଜ୍ଞାପନ କରୁଛି । ଅବର୍ତ୍ତମାନରେ ଥିବା ସଭିଙ୍କୁ ମୋର ଶ୍ରଦ୍ଧାସୁମନ ଅର୍ପଣ କରୁଛି ।

(ଅବସରପ୍ରାପ୍ତ ଶିକ୍ଷକ)
ଶିମିଳିପଡ଼ା, ଅନୁଗୁଳ ।

# ତୁମେ

**ସୁଜାତା ବେହେରା**

ସୂର୍ଯ୍ୟକିରଣରେ ତୁମେ
ଚାନ୍ଦର ଶୀତଳତାରେ ତୁମେ
ଫୁଲର ମହକରେ ତୁମେ
ଅନ୍ଧାର ଆଉ ଆଲୋକରେ ତୁମେ
ତୁମ ସୃଷ୍ଟିରେ ତୁମେ
ତୁମ ଅଭାବରେ ବି ତୁମେ
ନଦୀର ଧାରାରେ ତୁମେ
ପାହାଡ଼ର ଶିଖରରେ ତୁମେ
ସବୁଠି ହିଁ ତୁମେ ଆଉ ତୁମେ
ବାସ୍
ମୋର ବୁଝିବା ହିଁ ଟିକେ ଡେରି ହେଇଗଲା
ଜୀବନର ମାନେ ତୁମେ
ମୃତ୍ୟୁର ମାନେ ବି ତୁମେ...



(୨୦୦୭ ବ୍ୟାଚ୍)



# ଝୁରୁଛି ଭାରତବର୍ଷ

ଡ଼. ପ୍ରଶାନ୍ତ କୁମାର ବିଶ୍ୱାଳ

ଗଙ୍ଗା ଯାହାର    ପାଦ ଧୋଇ ଦିଏ
ସ୍ୱଚ୍ଛ ସଲିଳ ନୀରେ
ସାଧୁସନ୍ଥଙ୍କର    କୀର୍ତ୍ତି କିରିଟିନୀ
ହିମାଳୟ ତା'ର ଶିରେ ।

ମୃଦୁ ପବନ ତା'    ଗାଇଗାଇ ଯାଏ
ବସୁଧା କୁଟୁମ୍ବ କଥା
ପବିତ୍ର ରେଣୁରେ ଲୁଚିଅଛି କେତେ
ବୀର ସହୀଦର ବ୍ୟଥା ।

ଜାତିର ସମ୍ମାନ    ଆମ ସ୍ୱାଭିମାନ
ପତାକା ତିନି ରଙ୍ଗର
ତା' ଦେହେ ଲେଖିଛି    ଜାତିପ୍ରିତି କଥା
ସ୍ୱାଧୀନତା ସଂଗ୍ରାମର ।

ଆକାଶ ଛାତିରେ    ଲେଖିଅଛି ସିଏ
ତିନିରଙ୍ଗ କାଳୀ ନେଇ
ସାହସ ପ୍ରଗତି    ଶାନ୍ତିର ବାରତା
କାନେ କାନେ ଯାଏ କହି ।

ମାନବିକତାର    ବିଜୟ କେତନ
ସତ୍ୟ ଅହିଂସାର କଥା
ଇତିହାସ ସବୁ ସାଇତି ରଖିଛି
କେତେ ଗୌରବ ଗାଥା ।

ଅନ୍ୟର ଦୁଃଖରେ    କାନ୍ଦେ ଯା' ପରାଣ
ସେହି ପରା ସହୋଦର,
ପର ସୁଖ ଲାଗି    ଦେଇଛି ଜୀବନ
ଏହି ଆମ ବଂଶଧର ।

ସ୍ୱାଧୀନତା ନାମେ    ସ୍ୱ -ଇଚ୍ଛା ଚାରିତା
ରୂପ ନେଇଅଛି ଆଜି
ଫିରିଙ୍ଗି ବଦଳେ    ସ୍ୱଦେଶୀ ହାତରେ
ଶାନ୍ତି ତ ଗଲାଣି ହଜି ।

ମଣିଷ ପିଉଛି    ମଣିଷ ରକତ
ପ୍ରେମ ନାମେ ପ୍ରତାରଣା
ମୋହମାୟା ଲୋଭେ    ସ୍ୱାର୍ଥରେ ହଜିଛି
ସୁଖ ଏଠି ବାଟବଣା ।

ଆଜିବି ପାଞ୍ଚାଳି    ହୁଏ ବିବସନା
ପାଷାଣ୍ଡ ଦୁଃଶାର ହାତେ
ଶତ ଜାନାକୀର    ବଢ଼ୁଛି ଯାତନା
କେତେ ଉପହାସ ସତେ ।

ଏମାଟିର ପୁଅ    ସୁଖକୁ ବରଜି
ବନ୍ଧନୁ କଲା ମୁକତି
ତାହାରି ଦାୟାଦ    ନିଜ ସୁଖ ଲାଗି
ମାଟିକୁ ଶୋଷୁଛି ନିତି ।

ରକ୍ତର ପ୍ରଭାତେ    ଜନ୍ମ ଏ ଅରୁଣ
ଜୀବନ ନୁହେଁ ତା' କରୁଣ
ଏ ସମୟ ଯଦି    ନପାରିଲା ବୁଝି
ହାତୁ ଯିବ ତୋ ସୁଖ ସପନ ।

ମହାନ ଜାତିର    ସନ୍ତାନ ତୁମେ ହେ
ଫେରି ଆସ ଫେରି ଆସ
ଗାନ୍ଧୀବାଦ ଆଜି    କବର ନଦିଅ
ଝୁରୁଛି ଭାରତବର୍ଷ ।

ଓଡ଼ିଆ ଅଧ୍ୟାପକ, ଭାଷା ଓ ସାହିତ୍ୟ ବିଭାଗ
(ଜବାହର ନବୋଦୟ ବିଦ୍ୟାଳୟ, ସରାଙ୍ଗ, ଢେଙ୍କାନାଳ)
(୨୦୧୮ରୁ ଏହି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ)

# ବାପା

ରାଜା ବିଶ୍ୱାଳ



ଜୀବନର କେଉଁ ଅମୃତ ବେଳାରେ
ତୁମ ସହ ପରିଚୟ...
ଜନ୍ମ ଜନ୍ମାନ୍ତରେ ଚାହେଁ
ପୁନଃଶ୍ଚ ଅଙ୍କୁରୋଦଗମ...
ଅସ୍ଥି, ମଜ୍ଜା, ସ୍ନାୟୁକୁ କରି ସମୀଧ
ବୁନ୍ଦାବୁନ୍ଦା ରକ୍ତକୁ ଆହୁତି କରି
ଜଳାଇ ରଖ ସଂସାର ହୋମକୁଣ୍ଡ
ଜୀବନର ସ୍ୱର୍ଣ୍ଣିମ ସନ୍ତକ ତୁମେ
ନିଃସ୍ୱାର୍ଥର ପ୍ରତିମୂର୍ତ୍ତିଟେ
ଅରୁଣାର ପ୍ରଥମ କିରଣ ତୁମେ
ଆଦ୍ୟ ବର୍ଷାର ପ୍ରଥମ ଜଳ ବିନ୍ଦୁ
ଦିନ ରାତି ପ୍ରବାହିତ ନିସ୍ୱାର୍ଥ ପ୍ରେମ
ଉଦୟ ଅସ୍ତର ଆତଯାତ ପ୍ରାବଲ୍ୟରେ
ଅଶ୍ରୁ ନୁହେଁ ଝରେ ବହ୍ନି
ଯେବେ ସ୍ମୃତି ପଟଳ ହୁଏ ତପ୍ତ ତାଜା
ଲାଗେ ତୁମେ ଇ ଆସୁଛ
ସେଇ ବିମ୍ବ ଓଷ୍ଠ ଧାରାରେ ନେଇ
ବାତ୍ସଲ୍ୟ ପ୍ରେମର କୁଢ଼ କୁଢ଼ ଆଲିଙ୍ଗନ
ମୋ’ ସ୍ୱର୍ଗର ପ୍ରଥମ ପାହାଚ
ମୋ’ ଶବ୍ଦର ପ୍ରଥମ ଓଁକାର ଧ୍ୱନୀ
ଅସୀମ ଅଦେଖା ଯନ୍ତ୍ରଣା ଭିତରେ
ଚେନାଏ ହସ ତୁମ ଆମ ପାଇଁ
ସକଳ ଶୋକ ସନ୍ତାପରେ ବି
ଧୈର୍ଯ୍ୟ ବିଶ୍ୱାସର ତୂଳୀ ନେଇ
ଗଢ଼ିଛ ପରିବାରତ୍ୱ
ଜୀବନର ଯେତେ ସବୁ ବିବଶତା
ମାଡ଼ି ଆସୁଥିବା ଉଚ୍ଚା ଉଚ୍ଚା ଲହରୀ
ଆଗେ ବିଶାଳ ପ୍ରାଚୀର ଥିଲ
ନିରାଶର ଦୋଛକିରେ ଜୀବନକୁ
ସଜାଡ଼ିଛ ଆତ୍ମୀୟତା ଛନ୍ଦେ
ଦେଇଥିଲ ଜୀଇଁବାର ଅମୃତ ସ୍ପନ୍ଦନ
ପ୍ରତିଟି ଶବ୍ଦ ଆଜି ବି ଗୁଞ୍ଜରେ
ହାତ ଧରି ଅନୁଶାସନର
ଛଟାରେ....
ବିଶିଷ୍ଟତା ମଧ୍ୟେ ଶିଷ୍ଟ ତୁମେ
ମଣିଷ ଭିତରେ ମଣିଷଟିଏ ତୁମେ
ରୂପ ସାଥେ ଗୁଣଟି ସ୍ୱଚ୍ଛ
ଧୈର୍ଯ୍ୟ ସହ ଭାବଟି ଉଚ୍ଚ
ଶିକ୍ଷା ସଂସ୍କାରର ଗନ୍ତାଘରେ
ଅଯୋଚିତ ଦାନବଳେ ବଳିୟାନ
ମୋ’ ଏ ରଙ୍ଗଭୂମି...

# କାଗଜ କାନ୍ଥରେ

ରଶ୍ମି ରଞ୍ଜନ ରାଉତ

ଖଣ୍ଡେ କାଗଜରେ ପ୍ରେମ, ସ୍ନେହ ଓ ଶ୍ରଦ୍ଧା
ବତୁରି ଯାଆନ୍ତି, ବିଚ୍ଛେଦର ଶବ୍ଦ ତମାଳରେ ।
ଅବକାଶ ଅପେକ୍ଷାରେ ବତୁରା କାଗଜ
ଗୁମୁରି ଅଶ୍ରୁ ଧାରେ ଆହୁରି ବତୁରେ ॥



ଅନତି ଦୂରରେ ଅଚିହ୍ନା ଆକାଶେ
ଉଙ୍କି ମାରୁଥିବା ସ୍ୱପ୍ନର ଉହାଡ଼େ ।
କେତେ ଯେ କାଗଜ ବତୁରୀ ଯାଇଛି
ତୁମ ଅପେକ୍ଷାର ଅନ୍ତରିପ ଠାରେ ॥

ସରାଗ ମୁଠାଏ ଶବଦରେ ଗୁନ୍ଥି
ଲିପି ଦିଏ ବୋଉ କାଗଜ କାନ୍ଥରେ ।
ଚାପି ଧରେ ତାକୁ କୋହର ଛାତିରେ
ସ୍ମୃତିକୁ ସାଉଁଟି କାଗଜ ବତୁରେ ॥

ସାତ ବରଷରେ ସତରଟା ଚିଠି
ସାଇତା ଏବେ ବି କାଗଜ ପେଡ଼ିରେ ।
ଝାପ୍‌ସା ଅକ୍ଷର ଅପେକ୍ଷାରେ ଏବେ
ବତୁରିବେ କେବେ ପୁଣି ଅଶ୍ରୁ ଧାରେ ॥

୧୯୯୫-୨୦୦୨

# ମହା ମିଳନ

ରାଜା ବିଶ୍ୱାଳ

ବିଜୁପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଓହ୍ଲାଇ ଭୁବନେଶ୍ୱର ରେଳଷ୍ଟେସନ ଅଭିମୁଖେ ଓଲା ଟ୍ୟାକ୍ସିଟିଏ ବୁକ୍ କଲେ ରାଜେଶ । ଦୀର୍ଘ ପଚିଶି ବର୍ଷ ପରେ ଓଡ଼ିଶା ଫେରୁଛନ୍ତି ସିଏ । ମନରେ ଅନେକ ଖୁସି । ଓଡ଼ିଶାରେ ତାଙ୍କର କେହି ନାହାନ୍ତି । ଓଡ଼ିଶା କ'ଣ ପୂରା ଦୁନିଆରେ ରକ୍ତ ସମ୍ପର୍କୀୟ କେହି ନାହାନ୍ତି ତାଙ୍କର । ହେଲେ କାହିଁକି କେଜାଣି ଏତେ ବର୍ଷ ବିଦେଶରେ ରହି ନିଜ ଦେଶ, ନିଜ ରାଜ୍ୟକୁ ଫେରିବା ବେଳେ ଆନନ୍ଦରେ ଗଦଗଦ୍ ହେଇଯାଉଥିଲେ ରାଜେଶ ଓରଫ୍ ରାଜେଶ ବାବୁ, ଏକ ବହୁରାଷ୍ଟ୍ରୀୟ ସଫ୍ଟୱେୟାର କମ୍ପାନୀର ଜଣେ ଗୁରୁତ୍ୱପୂର୍ଣ୍ଣ ଉଚ୍ଚ ପଦାଧିକାରୀ । ଏଇ ବୋଧେ ନିଜ ଜନ୍ମଭୂମିର ଆକର୍ଷଣ, ନିଜ ମାଟିର ବତୁରା ନିରୁତା ସ୍ନେହ । ରାଜେଶ ବାବୁ ଭାବପ୍ରବଣ ହେଇ ଉଠୁଥିଲେ, ଭାବପ୍ରବଣତାକୁ ଲୁଚେଇବାକୁ ଯାଇ ଆଖିରେ କଳା ଚଷମାଟା ପିନ୍ଧି ପକାଇ, ମଖମଲ ରୁମାଲରେ ମୁହଁ ପୋଛି ପକେଇଲେ ସେ ।

ଟ୍ୟାକ୍ସି ଆସିଯାଇଥିଲା । ଆଉ ଷ୍ଟେସନ ଆଡ଼କୁ ମୁହେଁଇଲେ ସେ । ଫୋନ୍ ବାହାର କରି ଚନ୍ଦନକୁ କଲ୍ କରିବାକୁ ଯାଉ ଯାଉ ଅଟକିଗଲେ । ନାହିଁ ଥାଉ, ଡାଇରେକ୍ଟ ଯାଇ ତାକୁ ସରପ୍ରାଇଜ୍‌ଟା ଦେଲେ ଆହୁରି ଭଲ ହେବ । ହଠାତ୍ ତାଙ୍କୁ ଏତେ ବର୍ଷ ପରେ ଦେଖି ଚନ୍ଦନ ଖୁସିରେ ଫାଟି ପଡ଼ିବ । ପିଲାଟି ଦିନରୁ ଅନାଥାଶ୍ରମରେ ବଢ଼ି ଆସିଥିବା ରାଜେଶ ବାବୁଙ୍କର ଏ ପୃଥିବୀରେ ନିଜର କହିଲେ କେବଳ ଚନ୍ଦନ । ରକ୍ତ ସମ୍ପର୍କୀୟ ଯଦିଓ ନୁହେଁ, ତଥାପି ଜୀବନର ଅନେକ ମହାର୍ଘ ମୁହୂର୍ତ୍ତ ସେ ଚନ୍ଦନ ସହ ବିତେଇଛନ୍ତି । ଚନ୍ଦନ ଆଗେ ନିଜର ସବୁ ପୌରୁଷ ପଣିଆକୁ ପଛରେ ପକେଇ ନିହାତି ଛୋଟ ପିଲା ପରି କଇଁ କଇଁ ହେଇ କାନ୍ଦିଛନ୍ତି । ସମୟ ସୁଅରେ ବୋହିଯାଇଛି ସେ ମୁହୂର୍ତ୍ତ, ହଜିଯାଇଛି ସେ ଦିନ, କିନ୍ତୁ ଏବେ ବି କଟିନି ସମ୍ପର୍କର ଅଦେଖା ଡୋରି, ଏବେ ବି ସେଥିରେ ସୁଗନ୍ଧ ଭରା, ବେଶ୍ ତାଜା । ଜୀବନରେ ଅନେକ ସାଙ୍ଗସାଥି ଆସିଛନ୍ତି କିନ୍ତୁ ଚନ୍ଦନଙ୍କ ସ୍ଥାନ କେହି ନେଇ ପାରିନାହାନ୍ତି ଅଥବା କାହାକୁ ଦେବାକୁ ଚାହିଁ ନାହାନ୍ତି ରାଜେଶ ବାବୁ । ଭାବନା ସରିବା ଆଗରୁ ଟ୍ୟାକ୍ସି ବ୍ରେକ୍ ଦେଲା । ଆଉ ପ୍ଲାଟ୍‌ଫର୍ମ ଅଭିମୁଖେ ଆଗେଇଗଲେ ରାଜେଶ ବାବୁ । ଟିକେଟ୍ ଆଗରୁ ଅନଲାଇନରେ କରିଦେଇଛନ୍ତି । ଭୁବନେଶ୍ୱରରୁ ପୁରୀ । ଏବେ ଯୁଗ ଖୁବ୍ ଆଗୁଆ । ଖୁବ୍ ବଦଳିଯାଇଛି ଜୀବନଶୈଳୀ । ଅପେକ୍ଷାକୃତ ସହଜରେ ହେଇପାରୁଛି ସବୁ କାମ । ଏଇ ଭୁବନେଶ୍ୱରକୁ ବି ଚିହ୍ନି ପାରୁନଥିଲେ ରାଜେଶ ବାବୁ । ସବୁଠି ଆଧୁନିକତାର ସ୍ପର୍ଶ । ସବୁଠି ନୂତନତ୍ୱର ଛାପ । ହେଲେ ଏବେ ବି ପବନର ଛୁଆଁରେ କିଛି ଫରକ୍ ନାହିଁ ।

ୱେଟିଂ ରୁମରୁ ଫ୍ରେଶ ହେଇ, ଷ୍ଟେସନର ଫୁଡ୍ କୋର୍ଟରେ ଅଳ୍ପ ଖାଇନେଲେ ସିଏ । ଟ୍ରେନ ଆସିବାକୁ ଆଉ ତିରିଶ ମିନିଟ୍ । ଅତଏବ ଏଇ ସମୟଯାକ ବହିଟିଏ ପଢ଼ି କାଟିବା ପାଇଁ ମନସ୍ଥ କଲେ ସେ । ବହିପଢ଼ା ଛାଡ଼ିବାର ପଚିଶ ବର୍ଷ ହୋଇ ସାରିଥିଲା । କେଉଁ ବହି ପଢ଼ିବେ ଭାବୁ ଭାବୁ, ଦୋକାନ ପିଲାଟି ପଚାରିଲା, 'ବାବୁଜୀ କୌନ୍ ସି କିତାବ୍ ଚାହିୟେ ?'

'ଭଲ ଓଡ଼ିଆ ବହି ଗୋଟେ ଦେଖାଉନୁରେ ।' ରାଜେଶ ବାବୁଙ୍କ ମୁହଁରୁ ଏଇ ପଦକ ଶୁଣି ସେ ଓଡ଼ିଆ ବୋଲି ଜାଣିବା ପରେ ପିଲାଟି ବଡ଼ ଉତ୍ସାହରେ କହିଲା, 'ସାର୍ ସୁରଭି ସାମନ୍ତରାୟଙ୍କ 'ପ୍ରତୀକ୍ଷାରେ, ଏକ ପ୍ରେମକଥା' ବହିଟି ନିଅନ୍ତୁ, ନହେଲେ ମୁକୁନ୍ଦ ପାଣିଙ୍କ ଅନ୍ଧାରି ରାତି...'

ପିଲାଟି ଆହୁରି କେତେ କ'ଣ କହିବାକୁ ଯାଉଥିଲା, କିନ୍ତୁ ରାଜେଶ ବଧିର ପାଲଟି ଯାଉଥିଲେ । ଯେଉଁ ସୁରଭିଙ୍କ ପାଇଁ ପଚିଶ ବର୍ଷ ସବୁ ସାଙ୍ଗସାଥି, ଦେଶଠୁ ସମ୍ପର୍କ କାଟି ସେ ପ୍ରବାସୀ ହୋଇ ରହିଥିଲେ, ଓଡିଶା ଆସୁ ଆସୁ ତାଙ୍କୁ ପ୍ରଥମେ ସେଇ ନାଆଁ ଶୁଣିବାକୁ ମିଳିବ, ତା' ଥିଲା ତାଙ୍କ କଳ୍ପନାତୀତ ।

ଚୁପଚାପ୍ ବହି କିଣା ସ୍ଥଗିତ କରି ଚାଲିଆସିଥିଲେ

ରାଜେଶ ବାବୁ । ଭାବିବିନି ଭାବିବିନି ହଉଥିଲେ ମଧ୍ୟ ଅତୀତ, ଧସେଇ ପଶୁଥିଲା ତାଙ୍କ ମନରେ । ହ୍ୱାଟସ୍ ଆପ୍ ଖୋଲି ଚନ୍ଦନଙ୍କୁ ମେସେଜ୍ କଲେ ରାଜେଶ ବାବୁ, 'ହ୍ୟାଲୋ ଚନ୍ଦନ । ମୁଁ ରାଜେଶ । ଆଶା କରୁଛି ମନେ ରଖିଥିବୁ । ଏତେ ବର୍ଷ ପରେ ମୋ' ମେସେଜ୍ ଦେଖି ତୁ ଆଶ୍ଚର୍ଯ୍ୟ ହେଇ ଯିବା ସ୍ୱାଭାବିକ୍ । ମୋ' ଉପରେ ରାଗ ବା ଅଭିମାନ ଥିଲେ, ଆଜି ଦିନକ ପାଇଁ ତାକୁ ଭୁଲି ଯିବାକୁ ତୋ'ତେ ଅନୁରୋଧ କରିବି । ଆଜି ମୁଁ ପୁରୀ ଯାଉଛି । ମୁଁ ଜାଣିଛି ତୁ ଏବେ ପୁରୀରେ ସପରିବାର ଅଛୁ । ଯଦି କୌଣସି ଅସୁବିଧା ନଥାଏ ତା'ହେଲେ ମୁଁ ପହଞ୍ଚିଲେ ଦେଖା ହେବ । ସାତଟା ତିରିଶରେ ଗାଡ଼ି ଷ୍ଟେସନ ପହଞ୍ଚିବ । ଅପେକ୍ଷାରେ ।'

ରାଜେଶଙ୍କ ଛାତି ଜୋର୍ ଜୋରରେ ଧକଧକ ହେଉଥିଲା । କେଜାଣି ଚନ୍ଦନ କ'ଣ ଭାବୁଥିବ ? ପଚିଶି ବର୍ଷ ପରେ ଅକସ୍ମାତ୍ ଏମିତି । ଟୁଂ ଟୁଂ ମେସେଜ୍‌ର ଘଣ୍ଟି ବାଜି ଉଠିଲା । ରାଜେଶଙ୍କ ସାହାସ ନଥିଲା ସେ ମେସେଜ୍ ଖୋଲି ଦେଖିବା ପାଇଁ । ଫୋନ୍ ସ୍ୱିଚ-ଅଫ କରି ପକେଟରେ ରଖିଦେଲେ ସେ । ପୁରୀ ପହଞ୍ଚିଲେ ଦେଖାଯିବ କ'ଣ ହେବ । ଯା' ଭିତରେ ଟ୍ରେନ୍ ଆସିଯାଇଥିଲା । ଝରକା ପାଖ ସିଟରେ ବସିପଡ଼ି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଇଁ ଥିଲେ ରାଜେଶ । ଏଇ ଦୁନିଆଁରେ ଆଜି ଯାଏ ସେ ହିଁ ତ ସବୁ ସମୟ ରାଜେଶଙ୍କ ପାଖରେ ଅଛନ୍ତି । ପୁରୀ ଯିବା ବେଳେ ରାଜେଶଙ୍କୁ ଲାଗୁଥିଲା ସେ ନିଜ ଘରକୁ ଯାଉଛନ୍ତି । ସବୁ ଓଡ଼ିଆଙ୍କ ହୃଦୟ କନ୍ଦରର ସବୁଠୁ ଉଚ୍ଚ ଆସନରେ ବିରାଜମାନ, ସେଇ ଚକାଆଖି । ଧନୀଠୁ ଆରମ୍ଭ କରି ଗରିବ, ଦାନୀଠୁ ଆରମ୍ଭ କରି ଚୋର ସମସ୍ତଙ୍କୁ ଯଦି କିଏ ଗୋଟିଏ ଡୋରିରେ ବାନ୍ଧି ରଖିଥାଏ, ସେ ହେଉଛି ଏଇ କାଳିଆ, କୋଟି ଓଡ଼ିଆଙ୍କ ପରମ ପୂଜ୍ୟ । ଟ୍ରେନ୍ ଛାଡ଼ି ଦେଇଥିଲା । ଫୋନ୍ ଖୋଲି ଚନ୍ଦନର ମେସେଜ୍ ଦେଖିବାକୁ ଇଚ୍ଛା ହଉଥିଲେ ବି ସାହସ ହେଉ ନଥିଲା ରାଜେଶବାବୁଙ୍କର । ଏତେ ଦିନ ଧରି ଅଜ୍ଞାତବାସ ପ୍ରାୟ ରହୁଥିଲେ ସେ । ନା କୋଉ ସୋସିଆଲ ମିଡ଼ିଆ ନା ଫୋନ୍ ନା ଆଉ କିଛି । ସେଦିନ କାହିଁକି କେଜାଣି ମନ ବହୁତ ଡାକିଲା ଥରେ ନିଜ ଜନ୍ମମାଟିକୁ ଫେରିଯିବାକୁ । ଆଉ ପ୍ରଥମେ ଯେଉଁ ଦୁଇଟି ନାଆଁ ମନେପଡ଼ିଲା, ତା' ଥିଲା ସୁରଭି ଆଉ ଚନ୍ଦନଙ୍କର । ଫେସ୍‌ବୁକରେ ଫେକ୍ ଆଇଡି ଖୋଲି ଚନ୍ଦନଙ୍କୁ ଖୋଜିଲେ ସେ ଆଉ ଖୁବ ସହଜରେ ଚନ୍ଦନ ବିଷୟରେ ସବୁ ତଥ୍ୟ ମିଳିଗଲା ଆଉ ଫୋନ୍ ନମ୍ବର ବି । ସୁରଭିଙ୍କୁ ଥରେ ଖୋଜିବାକୁ ଇଚ୍ଛା ଥିଲେ ମଧ୍ୟ ନିଜକୁ ବହୁକଷ୍ଟରେ ଅଟକେଇ ଥିଲେ ସିଏ । ସୁରଭି ଏବେ ଆକାଶଙ୍କ ସହ ଖୁସିରେ ଥିବେ । ଏତେ ବର୍ଷ ପରେ ବି ରାଜେଶଙ୍କ ଆଖି ଜାଲୁଜାଲିଆ ହେଇ ଆସିଲା । ସୁରଭି ରାଜେଶଙ୍କ ଜୀବନର ଗୋଟେ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରତ୍ୟକ ଦିନ ସୁରଭିଙ୍କୁ ମନେ ପକାନ୍ତି ରାଜେଶ । ଅଫିସରୁ ଘରକୁ ଫେରିଲେ ଏକା ଏକା ସୁରଭିଙ୍କ ସହ ମନକୁ ମନ କଥା ହୁଅନ୍ତି । ଚିକାଗୋରେ ଥିବା ବେଳେ ଜଣେ ପୋଟ୍ରେଟ ଆର୍ଟିଷ୍ଟଙ୍କୁ କହି, ସୁରଭିଙ୍କର ଖୁବ୍ ଏକ ବଡ଼ ତୈଳ ଚିତ୍ର ତିଆରି କରି ବେଡ୍‌ରୁମ୍‌ରେ ସଜେଇଛନ୍ତି । ଯେବେ କୌଣସି ବନ୍ଧୁ ସେ ଚିତ୍ର ଦେଖି ସୁରଭିଙ୍କ ରୂପର ଭୂୟସୀ ପ୍ରଶଂସା କରନ୍ତି, ଖୁସିରେ ଭରି ଉଠେ ରାଜେଶଙ୍କ ମନ ।

ଖୋର୍ଦ୍ଧା ଷ୍ଟେସନରେ ପହଞ୍ଚିଲା ଟ୍ରେନ୍ । ଟ୍ରେନ୍ ଉପରକୁ ଉଠିଲେ ଜଣେ ଯୁବକ । ଧଳା ରଙ୍ଗର ଟି-ସାର୍ଟଟିଏ ପିନ୍ଧିଛନ୍ତି । ଉପରେ ନାଲି ରଙ୍ଗରେ ଲେଖା ହେଇଛି 'ରାଇଟିଂ ଇଜ୍ ମାଇଁ ପାସନ୍ ।'

ସୁରଭି ବି କହନ୍ତି ସବୁବେଳେ । 'ଜାଣିଛ ରାଜେଶ, ରାଇଟିଂ ଇଜ୍ ମାଇଁ ପାସନ୍ । ଆଇ ଆମ୍ ଇନ୍ କଂପ୍ଲିଟ୍ ଉଇଦାଉଟ୍ ଇଟ୍ ।'

ହାଃ ହାଃ । ମନ ଭିତରେ ସ୍ମିତ ହସଟିଏ ଫୁଟି ଉଠିଲା ରାଜେଶଙ୍କର । ସ୍ମୃତିମାନଙ୍କର ପ୍ରକୃତି ସେମିତି । ତାଙ୍କୁ ଯେତେ ଦୂର୍‌ଦୂର୍ କଲେ ମଧ୍ୟ ସେମାନେ ଠେଲି ପେଲି ପଶନ୍ତି ମନରେ । ସେମାନେ ଅଣାୟତ୍ତ, ଲଗାମ୍ ଛଡ଼ା । ଚାବୁକ ମାରି ତାଙ୍କୁ ଅଟକେଇ ହୁଏନି । ନିଜ ଇଚ୍ଛାରେ ଦେହ, ମନ ଏବଂ ମସ୍ତିଷ୍କକୁ ଅକ୍ତିୟାର କରି ନିଅନ୍ତି ।

ସୁରଭି । ସୁରଭି ସାମନ୍ତରାୟ । ସୁରଭିଙ୍କ ସ୍ମୃତିର ସତେଜ

ସୁଗନ୍ଧରେ ଚହଟି ଉଠିଲା ଟ୍ରେନର କମ୍ପାର୍ଟମେଣ୍ଟ, ଚହଟି ଉଠିଲେ ରାଜେଶ ବାବୁ, ମହକି ଗଲା ତାଙ୍କ ଆଖପାଖ । ଅନେକ ବର୍ଷ ତଳେ କେଉଁ ଗୋଟେ ପତ୍ରିକାରେ ସୁରଭିଙ୍କ ବର୍ଷା ଓ ବାଦଲ କବିତା ପଢ଼ି ବିମୁଗ୍ଧ ହେଇ ଯାଇଥିଲେ ରାଜେଶ । ଏତେ ସୁନ୍ଦର ଭାବପୂର୍ଣ୍ଣ କବିତା କେବଳ ଅନୁଭବୀ ହିଁ ଲେଖିପାରେ । ବହୁତ ଲୋକ ଗଳ୍ପ କବିତା ଲେଖନ୍ତି । କିନ୍ତୁ କିଛି ଲୋକଙ୍କ ଶବ୍ଦରେ ଗୋଟେ ଅପୂର୍ବ ସମ୍ମୋହନୀ ଶକ୍ତି ଥାଏ । ପଢୁପଢୁ ପାଠକକୁ ଲାଗେ, ଯେମିତି ସାଧା ଫର୍ଦ୍ଦ ଉପରେ କିଏ ଜୀବନକୁ ଉତାରି ଦେଇଛି । ପତ୍ରିକାର ଶେଷ ଫର୍ଦ୍ଦରେ ଲେଖକ ପରିଚୟ ଦେଖି ରାଜେଶ ବିଶ୍ୱାସ କରିପାରୁ ନଥିଲେ ଏଇ କବିତାଟି ଗୋଟିଏ ବାଇଶି ବର୍ଷର ଲେଖନୀର ଯାଦୁ ବୋଲି । ବାଇଶି ବର୍ଷର ଅନଭିଜ୍ଞ ହାତର ସୃଜନରେ କିନ୍ତୁ ବାସ୍ତରୀ ବର୍ଷର ଅନୁଭବୀ ମନର ସ୍ପଷ୍ଟ ପ୍ରତିଫଳନ ବେଶ୍ ବାରି ହେଇ ପଡୁଥିଲା । ଲେଖିକାଙ୍କ ଠିକଣାରେ ପ୍ରଶଂସା ସୂଚକ ପତ୍ରଟିଏ ଲେଖନ୍ତି ଯୁବକ ରାଜେଶ । କଥାବାର୍ତ୍ତା ବଢ଼େ ଦିନକୁ ଦିନ । କିନ୍ତୁ କଥା ସବୁବେଳେ ସାହିତ୍ୟ ଚର୍ଚ୍ଚାରୁ ଆରମ୍ଭ ଆଉ ଶେଷ ବି ସେଇଠି । ପ୍ରଥମେ ସୁରଭିଙ୍କ କବିତା ଓ ଗଳ୍ପ ପ୍ରେମରେ ପଡ଼ିଥିବା ରାଜେଶ କିନ୍ତୁ ଆସ୍ତେ ଆସ୍ତେ ସୁରଭିଙ୍କୁ ନିଜ ହୃଦୟରେ ବସେଇ ସାରିଥାଆନ୍ତି । ଦିନ ଗଡ଼େ । ଅନେକ ଗଳ୍ପ କବିତା ସମାରୋହରେ ଦେଖା ହୁଅନ୍ତି ଦୁହେଁ । ସୁରଭି ଯାଆନ୍ତି କବିତା ପାଠ ପାଇଁ ଆଉ ରାଜେଶ ଯାଆନ୍ତି ସୁରଭିଙ୍କୁ ଦେଖିବା ପାଇଁ । ଚନ୍ଦନ ବି ଜାଣିପାରନ୍ତି ରାଜେଶଙ୍କ ମନକଥା । ସ୍ୱଭାବରେ ଢେର୍ ଅଧିକ ଲାଜକୁଳା ରାଜେଶ କିନ୍ତୁ ଆଗକୁ ଆଗେଇ ପାରନ୍ତିନି । ସୁରଭିଙ୍କୁ ପାଖରେ ଦେଖିଲେ ହୃତ୍‌ସ୍ପନ୍ଦନ ବଢ଼ିଯାଏ ରାଜେଶଙ୍କର । ଚନ୍ଦନ ଦିନେ ଫିଲ୍ମ ଯିବାର ପ୍ଲାନ୍ କରନ୍ତି ରାଜେଶ ଆଉ ସୁରଭିଙ୍କ ସହ । ଉଦ୍ଦେଶ୍ୟ କିନ୍ତୁ ଦୁହିଁଙ୍କୁ ଏକାଠି କରିବା । ଏତେ ଲାଜକୁଳା ସାଙ୍ଗ ପାଇଁ ଏତିକି ତ କରିପାରିବେ ଚନ୍ଦନ । ଦିନ ଗଡ଼େ, ବନ୍ଧୁତ୍ୱ ଆହୁରି ନିବିଡ଼ ହୁଏ । ସନ୍ଧ୍ୟାରେ ମିଶି ଚାଟ୍ ଗୁପ୍‌ଚୁପ୍ ଖିଆ ବଢ଼ିଯାଏ । ଦିନକୁ ଦିନ ସୁରଭିଙ୍କ ପ୍ରେମରେ ଗଭୀର ଭାବେ ଆସକ୍ତ ହୋଇ ଉଠନ୍ତି ସେ । ହଷ୍ଟେଲରେ ପହଞ୍ଚିବା ପରେ ଚନ୍ଦନ ଠୁଁ ଢେର୍ ଗାଳି ଶୁଣନ୍ତି ରାଜେଶ ।

'ତୁ ଏମିତି ଅନେଇ ଥା, ଆଉ କିଏ ଆସି ତାକୁ ଉଡ଼େଇ ନେଇଯିବ ।' କୃତ୍ରିମ କ୍ରୋଧ ଦେଖାଇ କୁହନ୍ତି ଚନ୍ଦନ ।

'ଯାହା ବି ହଉ, ଆଜି ମୁଁ ନିଶ୍ଚୟ ମୋ' ମନକଥା ତା'କୁ କହିବି' କୁହନ୍ତି ରାଜେଶ । ଟାଉନ୍ ହଲରେ ହେଉଥିବା କବିତା ସମ୍ମିଳନୀକୁ ଚନ୍ଦନକୁ ନେଇ ଆସନ୍ତି ସିଏ । ହଲରେ ପହଞ୍ଚୁ ପହଞ୍ଚୁ ରାଜେଶଙ୍କ ଆଖି ଚାରିଆଡ଼େ ଖୋଜେ ସୁରଭିଙ୍କୁ । ପ୍ରତୀକ୍ଷାର ଅନ୍ତ ଘଟାଇ ସୁରଭି ଆସନ୍ତି ନିଜର ଜନୈକ ବାନ୍ଧବୀଙ୍କ ସହ । ହାଲକା ଗୋଲାପି ରଙ୍ଗର ସାଲୱାର କମିଜ, ଓଠରେ ଇଷତ୍ ନାଲି ଲିପଷ୍ଟିକ୍ ଆଉ ମୃଦୁ ପଦପାତରେ ଯେତେବେଳ ତନୁପାତଳୀ ସୁରଭି ଆସନ୍ତି, ରାଜେଶଙ୍କ ହୃତ୍‌ସ୍ପନ୍ଦନ ଗୋଟେ ସେକେଣ୍ଡ ପାଇଁ ବନ୍ଦ ହେଇଯାଏ । ଶ୍ରୋତା ଗ୍ୟାଲେରୀରେ ବସିଥିବା ରାଜେଶ ଆଉ ଚନ୍ଦନଙ୍କୁ ଦେଖି ହାତ ହଲାନ୍ତି ସୁରଭି । ଗପସପ ଚାଲେ । ମଝିରେ ବାହାନା କରି ଉଠିଯାଆନ୍ତି ଚନ୍ଦନ ଆଉ ରିତା, ସୁରଭିଙ୍କ ବାନ୍ଧବୀ । ଟିକିଏ କଥୋପକଥନ ପରେ ଗଳା ଝାଡ଼ି ରାଜେଶ କୁହନ୍ତି, 'ଆଉ ବିବାହ କେବେ କରୁଛ ?'

ହସିଦେଇ ସୁରଭି କହନ୍ତି, ବିବାହ ହୋଇସାରିଛି କହିଲେ ଚଳେ । ତାଙ୍କୁ ମୋ' ମନ ମନ୍ଦିରରେ ସର୍ବୋଚ୍ଚ ଆସନରେ ସ୍ଥାନିତ କରିସାରିଛି ମୁଁ । ଖାଲି ଅପେକ୍ଷା ସେ କେତେବେଳେ ବୁଝିପାରିବେ ।

ହସନ୍ତି ରାଜେଶ ଠୋ ଠୋ ହେଇ । 'ସୁନ୍ଦରୀ ଝିଅ ମିଛ କହିଲେ ଆହୁରି ସୁନ୍ଦର ଲାଗନ୍ତି' କହି ପୁଣି ଥରେ ହସି ଉଠନ୍ତି ରାଜେଶ ।

'ବିଶ୍ୱାସ ହେଉନି ? ହଉ ରୁହ' କହି ପର୍ସରୁ ଫୋଟୋଟିଏ କାଢ଼ି ଦେଖାନ୍ତି ସୁରଭି ।

ଫଟୋରେ ସୌମ୍ୟଦର୍ଶୀ ଯୁବକ ଜଣେ । ସୁରଭି ଆଉ ସବୁ କ'ଣ କହୁଥାଆନ୍ତି କିନ୍ତୁ ରାଜେଶ କିଛି ଶୁଣିପାରୁନଥାନ୍ତି । ସଙ୍କୁଚିତ ହେଇ ଯାଆନ୍ତି ସେ ନିଜ ଭିତରେ, କାହିଁ ଧନୀ ଘରର ଅଲିଅଳି ଝିଅ ସୁରଭି, କାହିଁ ଅନାଥାଶ୍ରମରେ ବଢ଼ିଥିବା ରାଜେଶ । ସେ ପୂର୍ଣ୍ଣମୀ ଆକାଶର ରୂପେଲି ଚନ୍ଦ୍ରମା ହେଲେ,

ରାଜେଶ ହେଉଛନ୍ତି କୋଉ ଗୋଟେ ଅପନ୍ତରାରେ ପାଣି ଟିକେ ପାଇଁ ଫୁଟିଥିବା ଦରମଲା କଇଁ । ସୁରଭିଙ୍କ ନା ଡକାଯାଏ କବିତା ପାଠ ପାଇଁ । ଉଠି ଚାଲିଆସନ୍ତି ରାଜେଶ । ରୁମରେ କବାଟ ବନ୍ଦ କରି ରଡ଼ି ରଡ଼ି କାନ୍ଦନ୍ତି ସେ । ଆଜି କାଇଁ ବାପା ବୋଉଙ୍କ କଥା ମନେପଡ଼େ । ନିଜର ଅସ୍ତିତ୍ୱ ଉପରେ ଘୃଣା ଆସେ, କାନ୍ଦି କାନ୍ଦି ଶୋଇପଡ଼ନ୍ତି ସେ, ସବୁ ବନ୍ଧୁଙ୍କ ଅଗୋଚରରେ ।

ରାତି ପାହିଯାଏ । ଆଜି ହଷ୍ଟେଲରେ ହଇଚଇ । କ୍ୟାମ୍ପସ ସିଲେକ୍‌ସନ୍‌ର ରେଜଲ୍‌ଟ ବାହାରିବ । ସିଟ୍ ମାତ୍ର ପାଞ୍ଚଟି । ବହୁରାଷ୍ଟ୍ରୀୟ କମ୍ପାନୀ । ଆଶାୟୀ ପ୍ରାର୍ଥୀ ଅନେକ । ରାଜେଶଙ୍କୁ କିନ୍ତୁ କିଛି ଫରକ୍ ପଡ଼େନି । ସେମିତି ବିଛଣାରେ ପଡ଼ିଥାନ୍ତି ସେ । ଧାଇଁ ଧାଇଁ ଆସନ୍ତି ଚନ୍ଦନ । ରାଜେଶଙ୍କୁ କୁଣ୍ଢେଇ ପକେଇ କୁହନ୍ତି, ତୋର ସିଲେକ୍‌ସନ୍ ହେଇଯାଇଛିରେ । ଏବେ ଜଲଦି ସୁରଭିକୁ ଗୁଡ୍ ନ୍ୟୁଜ ଦେଇଦେ । ଭାଗ୍ୟ ତୋ'ର ଭାରି ବଡ଼ିଆରେ ରାଜୁ । ଆଜିଠୁ ତୋ' ଜୀବନର ସବୁ ଦୁଃଖ ଦିନ ସରିଲା । ଆଗକୁ ଖାଲି ଖୁସି ହିଁ ଖୁସି । ଏତେ ସମୟ ହେଲା ଦବେଇ ରଖିଥିବା ଯନ୍ତ୍ରଣା, କୋହ ଆଉ ଅନ୍ତର୍ଦାହ ସବୁ ଲୁହ ହେଇ, ରାଜେଶଙ୍କ ଆଖି ଦେଇ, ଚନ୍ଦନଙ୍କ କାନ୍ଧରେ ବୋହି ଯାଆନ୍ତି । କିଛି ବୁଝିପାରନ୍ତି ନାହିଁ ଚନ୍ଦନ । ସେମିତି କାନ୍ଦି କାନ୍ଦି ସବୁ ଘଟଣା କହନ୍ତି ରାଜେଶ । ଚନ୍ଦନ ବୁଝାଏ । ସୁରଭିକୁ ଥରେ ହେଲେ ନିଜ ମନକଥା କହିବାକୁ ପ୍ରବର୍ତାଏ ।

'ନା । ପ୍ରେମରେ ମୁଁ ଏତେ ସ୍ୱାର୍ଥପର କେମିତି ହେବି କହ । ସେ ଭଲ ପାଏ ଆଉ କାହାକୁ, ମୋ' ନିଜ ସ୍ୱାର୍ଥ ପାଇଁ ମୁଁ ତାଙ୍କ ମଝିରେ ଆସିବାକୁ ଚାହୁଁନି ଲୁହ ପୋଛି କୁହନ୍ତି ରାଜେଶ ।' 'ତୁ ଏ ଯୁଗର ରାମଚନ୍ଦ୍ର ।' ବିରକ୍ତ ହୋଇ କୁହନ୍ତି ଚନ୍ଦନ । ଝରକା ଦେଇ ବାହାରକୁ ଚାହାଁନ୍ତି ରାଜେଶ । ଆକାଶ ପୂରା ନୀଳ, ଶୂନ୍ୟ । ପାଖ ମନ୍ଦାର ଗଛଟି ଝାଉଁଳି ପଡ଼ିଛି । ବୋଧହୁଏ ଚେରକୁ ପୋକ ଖାଇଦେଇଛି ।

'ଦେଖ ରାଜେଶ ତୁ ଯଦି ନକହିବୁ, ତା' ହେଲେ ମୁଁ ଯାଇ ସୁରଭିକୁ କହିଦେବି ତୋ' ମନକଥା ।'

'ନାହିଁ । ମୋ' ମୁଣ୍ଡକୁ ଛୁଇଁ କହ, ତୁ ସୁରଭିକୁ କିଛି ବି କହିବୁନି । ମୁଁ ଚାହେଁନା ସେ କୌଣସି ଦ୍ୱନ୍ଦ୍ୱ ଅଥବା ଅସୁବିଧାରେ ପଡୁ ।' ଉତ୍ତର ଦିଅନ୍ତି ରାଜେଶ ।

ଯା' ପରେ ଆଉ ସମ୍ମିଳନୀକୁ ଯାଆନ୍ତିନି ରାଜେଶ କି, ସୁରଭିଙ୍କ ଠାରୁ କିଛି ଖବର ଆସେନି । କେଇଦିନ ପରେ କମ୍ପାନୀରେ ଯୋଗ ଦେବାକୁ ଆମେରିକା ବାହାରି ଯାଆନ୍ତି ରାଜେଶ । ଯିବା ପୂର୍ବରୁ ସୁରଭିକୁ ଦେଖିବାକୁ ଇଚ୍ଛା ଥିଲେ ବି ସେମିତି ବାହାରି ଯାଆନ୍ତି ସେ । ବିଦାୟ ଦିଅନ୍ତି ଚନ୍ଦନ । ତା' ପରେ ନିଜ ଫୋନ୍ ନମ୍ବର ବଦଳେଇ ଦିଅନ୍ତି ସେ । ମାସେ ଦୁଇ ମାସରେ କମ୍ପାନୀ ଚେଞ୍ଜ୍ କରନ୍ତି ସେ । ନା, ସେ ଆଉ କେବେ ଓଡ଼ିଶା ଆସିବେନି । ସୁରଭିଙ୍କ ଚୁମ୍ବକୀୟ ଆକର୍ଷଣୀୟ ଶକ୍ତିରୁ ନିଜକୁ ନିବୃତ୍ତ କରିବା ପାଇଁ ଏଇ ହିଁ ଗୋଟିଏ ରାସ୍ତା । ଦୂରତ୍ୱ । କିନ୍ତୁ ମନକୁ କ'ଣ ଦୂରତ୍ୱ ଅଟକାଇ ପାରେ । ଏସବୁ ଖାଲି ପ୍ରବଞ୍ଚନା । ଦୂରତ୍ୱରେ ପ୍ରେମ କମିଯାଏନି । ବରଂ ବଢ଼ିଯାଏ ସହସ୍ର ଗୁଣ । କିନ୍ତୁ କାଳେ ତାଙ୍କର ଉପସ୍ଥିତି ସୁରଭିଙ୍କ ଜୀବନରେ କୌଣସି ଅସୁବିଧା ଆଣିବ, ସେଥିପାଇଁ ରାଜେଶଙ୍କର ଏ ଚରମ ନିଷ୍ପତ୍ତି ।

ବାସ୍ । ଆଜି ଏତେ ଦିନ ପରେ ଆସୁଛନ୍ତି ସେ ନିଜ ଜନ୍ମମାଟିକୁ । କେଜାଣି ସୁରଭି କେମିତି ଦେଖାଯାଉଥିବେ । ଏତେ ଦିନ ବିଦେଶରେ ରହି ରାଜେଶ ବହୁତ ବଦଳି ଯାଇଛନ୍ତି । ଦେହରେ ବୟସର ଛାପ ନାହିଁ । ରଙ୍ଗ ଅପେକ୍ଷାକୃତ ଅଧିକ ଗୋରା ହେଇଯାଇଛି । ସୁରଭି କେମିତି ଦେଖା ଯାଉଥିବେ କେଜାଣି । ହାତରେ ଶଙ୍ଖା, ମୁଣ୍ଡରେ ସିନ୍ଦୂର, ଶାଢ଼ି ପିନ୍ଧା ସୁରଭିଙ୍କୁ ବଧୂ ବେଶରେ କଳ୍ପନା କଲେ ରାଜେଶ । ଟିକିଏ କଷ୍ଟ ହେଲା ଛାତି । ମିଠା କଷ୍ଟ ଇଏ । ଏଇ କଷ୍ଟ ହିଁ ତ ରାଜେଶଙ୍କର ସାଥୀ ଏତେଦିନ ହେଲା । ମନେ ମନେ ପୁଣି ଥରେ ହସିଦେଲେ ରାଜେଶ । ସେ ଟିକେ ଅଧିକ ଫିଲ୍ମି ହେଇଯାଉ ନାହାଁନ୍ତି ତ ।

ପାଶ୍ଚାତ୍ୟ ବନ୍ଧୁମାନେ ରାଜେଶଙ୍କୁ ସୁରଭିଙ୍କ ପାଇଁ ଅବିବାହିତ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି ।

'ହାଓ ଆର ୟୁ ମ୍ୟାନେଜିଂ ଦିସ ବ୍ରୋ ? ଇଟ୍ସ ସ୍ଟ୍ରେ । ୟୁ ଗାଇଜ୍ ହେଭ୍ ନେଭର ହେଡ୍ ସେକ୍ସ । ଇଭନ୍ ସି ଡୋନ୍‌ଟ

ନୋ ଏବାଉଟ୍ ୟୋର ଫିଲିଙ୍ଗ୍ସ । ସି ହାଜ୍ ନୋ ଆଇଡିଆ ଦାଟ୍ ୟୁ ଆର ଷ୍ଟିଲ୍ ଅନମାରେଡ୍ । ଦେଆର ଆର ସୋ ମେନି ବ୍ୟୁଟିଫୁଲ୍ ଗାର୍ଲସ୍ ହିଅର । ହ୍ୱାଏ ଡୋଣ୍ଟ୍ ୟୁ ଗେଟ୍ ସେଟଲଡ୍ ।' ଷ୍ଟିଭ୍‌ଙ୍କ ପ୍ରଶ୍ନରେ ହସି ଦିଅନ୍ତି ରାଜେଶ । ବୁଝେଇ ପାରନ୍ତିନି ଯେ, କିଛି ପ୍ରେମ ଦେହାତୀତ । ଶରୀର ବିନା ବି ପ୍ରେମ କରିହୁଏ । ଆଉ ଯିଏ ଥରେ ସୁରଭିଙ୍କୁ ପ୍ରେମ କରିଛି, ସେ ଯେ ଜୀବନ ଯାକ ତାଙ୍କ ସ୍ମୃତିରେ ବିତେଇପାରିବ ସେଇଟା ଅସମ୍ଭବ ନୁହେଁ । ଅଫିସରେ ଅନେକ ତରୁଣୀ ତାଙ୍କୁ ପ୍ରେମ ନିବେଦନ କରିଛନ୍ତି । ସବୁକୁ ଖୁବ୍ ଭଦ୍ର ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ସେ ।

କେହି କେହି ପଚାରନ୍ତି, 'ଆର୍ ୟୁ ଏ ଗେ ?'

'ଆର୍ ୟୁ ଇମ୍ପୋଟେଣ୍ଟ୍ ?' ଆଉ କିଏ କୁହନ୍ତି ।

ହସିଦିଅନ୍ତି ସବୁଥର ସିଏ ।

ସାତଟା ପଇଁଚାଳିଶ । ଟ୍ରେନ ପୁରୀ ପହଞ୍ଚି ଯାଇଥିଲା । ଗାଡ଼ିରୁ ଓହ୍ଲାଇ ଟିକିଏ ଆଗକୁ ଯାଉଯାଉ ନଜରରେ ପଡ଼ନ୍ତି ଚନ୍ଦନ । ଚେହେରା ଯେମିତି ଥିଲା ଠିକ୍ ସେମିତି, ଖାଲି ଯାହା ପେଟଟି ଟିକେ ବାହାରି ପଡ଼ିଛି ଆଉ ଆଖିରେ ଚଷମା ଲାଗିଛି । ଟିକିଏ ନିରିଖେଇ ଦେଖିଲା ପରେ, 'ରାଜେଶ !' ଧାଇଁ ଆସନ୍ତି ଚନ୍ଦନ । ଗୋଟିଏ ମୁହୂର୍ତ୍ତ ପାଇଁ ଦୁଇ ବନ୍ଧୁ ସ୍ଥାନ, ବୟସ, କାଳ, ପାତ୍ର ଭୁଲି କୁଣ୍ଢେଇ ଧରନ୍ତି ଦୁହିଁଙ୍କୁ ।

'ତୁ ଆସିଛୁ ?' ନିଜ ଆଖିକୁ ବିଶ୍ୱାସ କରି ପାରୁ ନଥିଲେ ଚନ୍ଦନ । ରାସ୍ତା ସାରା ଗପି ଗପି ଚନ୍ଦନଙ୍କ ଘରେ ପହଂଚି ଯାଇଥିଲେ ଦୁହେଁ ।

'ମୁଁ ଥାଉ ଥାଉ ତୁ ହୋଟେଲରେ ରହିବୁ ? ଅସମ୍ଭବ ।' କୁହନ୍ତି ଚନ୍ଦନ ।

ଏତେ ଦିନ ପରେ ସାଙ୍ଗ ଆସିଛି । ପତ୍ନୀଙ୍କୁ କହି ସବୁ ମନପସନ୍ଦର ଖାଇବା ବନାନ୍ତି ଚନ୍ଦନ । ଭୋଜନ ପରେ, ଦୁଇ ବନ୍ଧୁ ସି-ବିଚକୁ ବୁଲି ଯାଆନ୍ତି । ପନ୍ଦର ବର୍ଷ ହେବ ଏଇଠି ରହୁଛନ୍ତି ଚନ୍ଦନ । ଘର ସମୁଦ୍ରଠୁ ତିନିଶହ ମିଟର ହେବ ।

ଜୀବନର ଉଠାଣି ଗଡାଣି ବିଷୟରେ ଗପୁ ଗପୁ ସୁରଭିଙ୍କ କଥା ପଚାରନ୍ତି ରାଜେଶ ।

'ଏବେ ବି ସୁରଭି ମନେଅଛି ?' ହସିଦେଇ କହନ୍ତି ଚନ୍ଦନ ।

'ଏବେ ବି ଅବିବାହିତ ମୁଁ । ଷ୍ଟିଲ ଭର୍ଜିନ୍ । ହାଃ ହାଃ !' ହସନ୍ତି ରାଜେଶ ।

ଦୁଇ ମିନିଟ୍ ନୀରବ ରହନ୍ତି ଚନ୍ଦନ ଆଉ କହନ୍ତି, 'କାଲି ସୁରଭି ଘରକୁ ଯିବା । ସେ ବି ପୁରୀରେ ରହୁଛି, ନିଜ ଘରେ ।'

'ହେଲେ ! ତା' ସ୍ୱାମୀ, ପିଲା । ମୁଁ ଚାହେଁନି ପରିଣତ ବୟସରେ ମୋ' ପାଇଁ ତା' ସଂସାରରେ ଝଡ଼ ଆସୁ ।' ରାଜେଶ କହନ୍ତି ।

'ତୁ ଚୁପ୍ ।' ଖୁବ୍ ବଡପାଟିରେ କହନ୍ତି ଚନ୍ଦନ । 'ଏତେ ଦିନ ନ କହି ଗାୟବ ହେଇ ଯାଇଥିଲୁ । ଏବେ ମୁଁ ଯାହା କହିବି ସବୁ ତୋତେ ମାନିବାକୁ ହେବ ।'

ରାଜେଶ ବି ଏତେ ବର୍ଷ ପରେ ସୁରଭିଙ୍କୁ ଦେଖିବାର ମୋହ କମେଇ ପାରୁ ନଥିଲେ । ଆସ୍ତିସୂଚକ ମୁଣ୍ଡ ହଲାଇଲେ ସେ ।

ସେ ରାତିଟା ରାଜେଶଙ୍କ ପାଇଁ ସବୁଠୁ ବଡ଼ ରାତି ଥିଲା । କାଲି କ'ଣ ପିନ୍ଧିବେ ? ସୁରଭିଙ୍କୁ ଦେଖିଲେ କ'ଣ କହିବେ, ସୁରଭି କ'ଣ କହିବ ? କେମିତି ଦେଖାଯାଉଥିବ ? ଇତ୍ୟାଦି ପ୍ରଶ୍ନ ରାଜେଶଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ପଚିଶି ବର୍ଷର ଅଧୁରା ଗପ ପାଇଁ ଗୋଟିଏ ରାତି ବହୁତ କମ୍ ଥିଲା ଉଭୟ ବନ୍ଧୁଙ୍କ ପାଇଁ । ଗପୁ ଗପୁ ରାତି ପାହି ଯାଇଥିଲା । ନିତ୍ୟକର୍ମ ସମାପନ ଆଉ ସ୍ୱଳ୍ପ ପ୍ରାତଃଭୋଜନ ପରେ ଚନ୍ଦନଙ୍କ କାର୍‌ରେ ସୁରଭିଙ୍କ ଘର ଉଦ୍ଦେଶ୍ୟରେ ବାହାରିଥିଲେ ଦୁଇବନ୍ଧୁ । ଗାଡ଼ିର ଗତି ସହ ତାଳ ଦେଇ ରାଜେଶଙ୍କ ହୃତ୍‌ସ୍ପନ୍ଦନ ବି ଖୁବ୍ ଜୋରରେ ବଢ଼ିଚାଲିଥିଲା । ଏ ପ୍ରୌଢ଼ ବୟସରେ ବି ତାଙ୍କୁ ଲାଗୁଥିଲା ସେ ସେଇ ତେଇଶି ଚବିଶି ବର୍ଷର ଯୁବକ । କେଇ ମିନିଟ୍ ପରେ ଗାଡ଼ି ଗୋଟେ ଘର ଆଗରେ ଅଟକିଲା । ଘର ତ ନୁହେଁ ଗୋଟେ ବଡ଼ ବଙ୍ଗଳା କହିଲେ ଚଳେ । ଘର ଆଗରେ ଖୁବ୍ ସୁନ୍ଦର ବଗିଚା । ଉଡେନ୍ ନେମ୍ ପ୍ଲେଟରେ ଗୋଲଡେନ୍

ଅକ୍ଷରରେ ଲେଖା ହେଇଛି, ରାଇଟର ପ୍ରଫେସର୍ ସୁରଭି ସାମନ୍ତରାୟ । କାଇଁ ସୁରଭିର ସ୍ୱାମୀଙ୍କ ନାଁ ? ସେହି ଭାଗ୍ୟବାନ ପୁରୁଷ, ଯାହାଙ୍କ ପାଇଁ ଏ ଜନ୍ମରେ ସୁରଭି ରାଜେଶଙ୍କ ପାଇଁ କେବଳ ସ୍ମୃତି ହେଇ ରହିଯାଇଛନ୍ତି । କିନ୍ତୁ କାଇଁ ନାହିଁ ତ କୋଉଠି ବି, ବୋଧହୁଏ ସୁରଭି ନିଜ ସ୍ୱାମୀଙ୍କୁ ବହୁତ ଡୋମିନେଟ୍ କରି ରଖିଛି । ହାଃ ହାଃ । ହସିଦେଲେ ରାଜେଶ । ବଗିଚା ଡେଇଁ ଘରର ମୁଖ୍ୟ ଦରଜା ଆଡକୁ ଆଗେଇଲେ ସେ । କଲିଂ ବେଲ୍ ଚିପିବାର କେଇ ମିନିଟ୍ ପରେ କୋଡ଼ିଏ, ଏକୋଇଶ ବର୍ଷର ଝିଅଟିଏ ଆସି ଦୁଆର ଖୋଲିଲା ।' ଆରେ ଚନ୍ଦନ ଅଙ୍କଲ୍ । ଆସନ୍ତୁ ଭିତରକୁ । ମାମା ଗାଧୋଇବାକୁ ଯାଇଛନ୍ତି । ଆପଣ ଭିତରେ ଅପେକ୍ଷା କରନ୍ତୁ ।'

ଏଇ ତା'ହେଲେ ସୁରଭିର ଝିଅ । କାହିଁକି କେଜାଣି ରାଜେଶଙ୍କ ମନ ଟିକେ ଭାରି ଲାଗିଲା । ସୁରଭିଙ୍କୁ ଥରେ ଖୁବ୍ ଜୋରରେ ଆଲିଙ୍ଗନ କରିବାକୁ ଇଚ୍ଛା ହେଲା । ଏମିତି ଇଚ୍ଛା ଯେ ଆଜି ହେଇଛି ତା ନୁହେଁ, କିନ୍ତୁ ଆଜି ଟିକେ ଅଲଗା ଅଲଗା ଲାଗୁଥିଲା ।

ଦୁଇବନ୍ଧୁ ସୋଫାରେ ବସିଲେ । ଘର ଭିତରେ ନଜର ବୁଲେଇ ଆଣିଲେ ରାଜେଶ । ଜଗନ୍ନାଥଙ୍କର ଗୋଟେ ବିରାଟ ବଡ଼ ଚିତ୍ର ଲାଗିଛି ୱାଲରେ । ଛୋଟ ଗ୍ଲାସ ସେଲ୍ଫରେ ଢେର୍ କପ୍ ଆଉ ଟ୍ରଫି । ବୋଧହୁଏ ସୁରଭି ଝିଅର । ବାରମ୍ବାର ବ୍ୟସ୍ତ ହେଇ ହାତଘଣ୍ଟାକୁ ଦେଖୁଥିଲେ ରାଜେଶ । ଗୋଟିଏ ସେକେଣ୍ଡ ଗୋଟିଏ ଯୁଗ ପରି ଲାଗୁଥିଲା । ହଠାତ୍ ଘର ଭିତରକୁ ପଶିଆସିଲେ ସୁରଭି । ହଳଦିଆ ରଙ୍ଗର ପାଟଶାଢ଼ୀ, ଓଦା କେଶରେ ସୁରଭି ଲାଗୁଥିଲେ କୋଉ ଗୋଟେ ଅପସରି ଯେମିତି । ସେଦିନର ଟାଉନ୍ ହଲରେ ତରୁଣୀ ସୁନ୍ଦରୀଙ୍କୁ ଦେଖି ଯେମିତି ରାଜେଶଙ୍କ ସ୍ପନ୍ଦନ ଅଟକି ଯାଇଥିଲା ଆଜି ବି ଠିକ୍ ସେମିତି । କିନ୍ତୁ ସୁରଭିଙ୍କ ସୀମୀ ଯେ ଶୂନ୍ୟ । ତା' ମାନେ ଆକାଶ କ'ଣ ?

କିନ୍ତୁ ସୁରଭିଙ୍କ ହାତରେ ତ ନାଲି ଆଉ ହଳଦିଆ ମିଶା ଚୁଡ଼ି ।

ଚନ୍ଦନଙ୍କ ପାଖରେ ସୋଫାରେ ରାଜେଶଙ୍କୁ ଦେଖି ଥମ୍ କରି ରହିଗଲା ସୁରଭିଙ୍କ ପାଦ । ପଡ଼ି ଯାଉଯାଉ ଦୁଆର ବନ୍ଧକୁ ଧରି ରହିଗଲେ ସେ । ସମସ୍ତେ ଚୁପ୍ । କାହାରି ପାଟିରେ ଭାଷା ନାହିଁ । ଚାରୋଟି ଆଖି ପରସ୍ପର ଉପରେ ନିବଦ୍ଧ ।

ନୀରବତା ଭାଙ୍ଗି ଚନ୍ଦନ ଆଗେଇ ଗଲେ ସୁରଭିର ବୁକ୍ ସେଲ୍ଫ ଆଡ଼େ ଆଉ ଗୋଟିଏ ବହି ଉଠେଇ ଆଣି ବଢ଼େଇ ଦେଲେ ରାଜେଶଙ୍କ ହାତକୁ । ଏଇ ନେ ପଢ଼ । ସୁରଭିର ଆତ୍ମଜୀବନୀ । ଅବୋଧ ବାଳକ ସମ ରାଜେଶ ଚାହିଁଥିଲେ ଚନ୍ଦନଙ୍କ ମୁହଁକୁ ।

ଚନ୍ଦନ ଆରମ୍ଭ କଲେ, 'ତୁ ଯେ ସୁରଭିକୁ ପ୍ରେମ କରୁ, ସେକଥା ସୁରଭି ବେଶ୍ ଭଲ ଭାବେ ଜାଣିଥିଲା । କିନ୍ତୁ ସବୁ ଝିଅ ଚାହାଁନ୍ତି ତାଙ୍କ ଇପ୍ସିତ ପୁରୁଷ ପ୍ରଥମେ ନିଜ ପ୍ରେମ ଅଭିବ୍ୟକ୍ତ କରୁ । କିନ୍ତୁ ତୁ ତ ବନ୍ଧୁତ୍ୱରୁ କଥା ଆଉ ଆଗକୁ ବଢ଼ାଉ ନଥିଲୁ । ସେଥିପାଇଁ ସୁରଭି ଆଉ ରିତା ପ୍ଲାନିଂ କରି ତୋତେ ଆକାଶ କଥା ମିଛରେ କହିଥିଲେ, କାଳେ ତୁ ନିଜ ମନକଥା ପ୍ରକାଶ କରିବୁ ବୋଲି । ଆଉ ମୁଁ ଏ ପ୍ଲାନିଂ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲି । କିନ୍ତୁ ତୁ ତ କିଛି ନ ବୁଝି ମନେମନେ ମହାନ ହେଇ, ଫରେନ୍ ଚାଲିଗଲୁ । ସେଦିନର କବିତା ସମାରୋହ ପରେ ସୁରଭିର ଆଈଙ୍କର ମୃତ୍ୟୁ ହେଇଗଲା ଆଉ ସୁରଭି ମାସେ ପାଇଁ ଗାଆଁକୁ ଚାଲିଗଲା । ସୁରଭି ଗାଆଁରୁ ଫେରିଲା ପରେ ହଷ୍ଟେଲ୍ ଠିକଣାରେ ତୋତେ ବହୁତ ଚିଠି ଲେଖିଲା । ତୋ' କଥା ଅନୁଯାୟୀ ମୁଁ ସୁରଭିକୁ କିଛି କହୁ ନଥିଲି । କିନ୍ତୁ ଯୋଉଦିନ ସୁରଭି ତୋତେ ପ୍ରେମ ନିବେଦନ କରି ଚିଠି ଲେଖିଲା, ସେଦିନ ମୁଁ ସୁରଭିକୁ ଦେଖା କରି ତୁ ବି ତାକୁ ଭଲ ପାଉ ବୋଲି କହିଦେଲି । ସେଦିନ ଆମେ ଦୁଇଜଣ ବହୁତ ଖୁସି ହେଇଥିଲୁ । ତୋ' କମ୍ପାନୀ ଠିକଣାରେ ଯୋଗାଯୋଗ କରିବାକୁ ଚେଷ୍ଟା କରି କୌଣସି ଲାଭ ହେଇନଥିଲା । ତୁ ହଜି ଯାଇଥିଲୁ କୋଉ ଗୋଟେ ପୁରୁଣା ଗୀତ ପରି । ଦିନ ଗଡ଼ିଚାଲିଲା । ସୁରଭିକୁ ସମସ୍ତେ ବିବାହ କରିବା ପାଇଁ ବୁଝେଇଲେ । ସେ କିନ୍ତୁ ନିଜ ଜିଦରେ ଅଟଳ ଥିଲା । ତା'ପରେ ଅନାଥାଶ୍ରମଟିଏ ଖୋଲିଲା ସେ ନିଜ ଚେଷ୍ଟାରେ । ଯୋଉ ଝିଅ ଆସି ପ୍ରଥମେ ଦୁଆର ଖୋଲିଲା,



# ମୋ ମା' ମୋ ଜୀବନ

**ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା**

ଯିଏ ମୋ ପ୍ରଭୁ ପରି,
ସେ ଯେ ମୋ' ସାହା
ଆଣିଛି ଦୁନିଆକୁ
ତା'ର ନାଆଁ ମା' ।
ତା' ପାଇଁ ମୋ ଜୀବନ
ମୋ ପାଇଁ ତା' ସପନ
ସେ ସପନ ସତ କରି
ମୁଁ ରଖିବି ତା' ମାନ
ମୋ ମା' ମୋ ଜୀବନ ।
ମୋ' ଅଳି ଅଝଟକୁ
କେମିତି ସହେ ସେ
ମୋ' ପାଇଁ ଗାଳି କେତେ
ଶୁଣିଚି ଯେ ସେ
ଛୋଟରୁ ବଡ଼ଟିଏ
କରିଛି ଯେ ସେହି
ମୋତେ ଖୁଆଇ ଦେଇଛି
ଗପ ଶପ କହି
ତା'ର ଶ୍ରମକୁ ମୂଲ ଦେଇ
ମୁଁ ରଖିବି ତା'ର ମାନ
ମୋ ମା' ମୋ ଜୀବନ ।

୯ମ ଶ୍ରେଣୀ



ସେ ହଉଛି ସୁରଭିର ପ୍ରଥମ ପାଳିତ ସନ୍ତାନ । ଏବେ ସୁରଭିର ଚାରୋଟି ଆଶ୍ରମ । ପାଖାପାଖି ଦୁଇଶହ ପିଲା ଏବେ ସୁରଭିର ଦାୟିତ୍ୱରେ । ଏଇ ଘରେ ସୁରଭି ସହ ପ୍ରାୟ ପନ୍ଦରଟି ପିଲା ରହୁଛନ୍ତି । ଆମେ ଭାବିଥିଲୁ ତୁ ସେଇଠି ବିବାହ କରି ଖୁସିରେ ରହିଛୁ । କିନ୍ତୁ କାଲି ଯେତେବେଳେ ତୋ' ଠୁ ତୁ ଅବିବାହିତ ବୋଲି ଜାଣିଲି, ସତରେ ଭଗବାନଙ୍କ ଲୀଳା ଆଗେ ମୁଁ ହାର୍ ମାନିଗଲି ।' ଗୋଟିଏ ନିଃଶ୍ୱାସରେ ଏତିକି କହିଗଲେ ଚନ୍ଦନ । ମନ୍ତ୍ରମୁଗ୍ଧ ହେଇ ଶୁଣୁଥିଲେ ରାଜେଶ । କାଠ ମୂର୍ତ୍ତୀ ପରି ବସିଥିଲେ ସୁରଭି । ଘର ଭିତରୁ ରାଜେଶଙ୍କ ଫୋଟୋ ହାତରେ ଧରି ଚାରି ପାଞ୍ଚ ବର୍ଷର କୁନି ଛୁଆଟିଏ ଆସିଲା । ଥରେ ରାଜେଶଙ୍କୁ ଆଉ ଥରେ ଫୋଟୋକୁ ଦେଖି କହିଲା, 'ମାମା ଇଏ ତା' ହେଲେ ବାବା ନାଁ ?' ଏତିକି କହୁ କହୁ ଆଉ କେତୋଟି କୁନି ଓ ବଡ଼ ପିଲା ଆସି ରାଜେଶଙ୍କ ବେକକୁ ଧରି ବାବା ବାବା କହି ଝୁଲି ପଡ଼ିଲେ । ଟିକିଏ ଆଗେଇ ଯାଇ, ସୁରଭିଙ୍କୁ କୋଳେଇ ନେଲେ ରାଜେଶ । ଯୌବନ ବିଗତ ପ୍ରାୟ । ଆଉ ସେ ଉଦ୍ଦାମତା ନାହିଁ କହିଲେ ଚଳେ । ଅଛି ଖାଲି ପ୍ରେମ । ନିରୁତା ପ୍ରେମ । ଆନନ୍ଦର ଲୁହରେ ଓତଃପ୍ରୋତ ଦୁଇ ପ୍ରେମୀଙ୍କ ମହାମିଳନ ଦେଖି ଜଗତନିୟନ୍ତାଙ୍କ ଉଦ୍ଦେଶ୍ୟରେ ଯୋଡ଼ ହସ୍ତରେ ପ୍ରଣିପାତ କରୁଥିଲେ ଚନ୍ଦନ ।

# ସମୟ ତୁମେ ଭାରି ଅମାନିଆ

ରାଜେନ୍ଦ୍ର ବେହେରା

ସମୟ ତୁମେ ଭାରି ଅମାନିଆ...
ମୋ' ଗୋବର ଲିପା ପିଣ୍ଡାରେ
କାହିଁକି ଟାଇଲ୍ ପକଉଛ ଯେ
ମୋ' ପଖାଳ କଂସାରେ
ମେଞ୍ଚେ ଚଉମିନ୍ ଆଣି ଢାଳିଦେବା କ'ଣ ଠିକ୍ ହେଲା
କ'ଣ ଦରକାର ଥିଲା ଧୋତିମାନଙ୍କୁ ଚୋରେଇ ନେଇ
ଆନିତମ୍ବ କଣା ଭରପୂର ଧୋତରା ପ୍ୟାଣ୍ଟ୍ ଖଣ୍ଡେ
ଫ୍ୟାସନ ନାଁ'ରେ ଜବରଦସ୍ତି ପିନ୍ଧେଇବା ।

ସମୟ ତୁମେ ଭାରି ଅମାନିଆ...
ମୋ' ନାତି ଟୋକାଟାକୁ କି ପାଠ ପଢ଼େଇଲ କେଜାଣି
ମୋବାଇଲ୍ ପ୍ରେମରେ ପଡ଼ି
ମୋ' ହାତ ଧରି ଚାଲିବାଟା ତାକୁ ପିତା ଲାଗିଲା
ହୁଗୁଳିଗଲା ସବୁ ସମ୍ପର୍କ, ହୁଗୁଳିଗଲା ଜୀବନ ।

ସମୟ ତୁମେ ଭାରି ଅମାନିଆ...
କ'ଣ ଏମିତି କଲ ଯେ
ଡାକବାଲାଟା ସକେଇ ସକେଇ କାନ୍ଦୁଛି ଘରକୋଣରେ
ଚିଠି ଖଣ୍ଡେ ନାହିଁ ତା' ମୁଣିରେ
ଆମ ଗାଁ' ଢୋଲିଆଟା ବଜଉନି ତା' ଢୋଲ
ଫି' ଦିନ ତା' ଘରୁ ସେ ପୋଡ଼ାମୁହାଁ ଡି.ଜେ.
ଚୋରେଇ ନେଉଛି ଚାଉଳ ।



କଉ ଋତୁ ଏବେ ଋତୁଟିଏ ଯେ
ଏଠି ନା ଶୀତ ନା ବସନ୍ତ ନା କୋଇଲିର ଗୀତ
ଖାଲି ଖରା ଆଉ ଖରା
ପାଠକର ବହି ସହ ସମ୍ପର୍କ ହୁଗୁଳିଲା ପରେ
ଏବେ ବହି ପ୍ରେମରେ ଉବୁଟୁବୁ ଉଈମାନେ
ସତରେ ସମୟ ତୁମେ ଭାରି ଅମାନିଆ... ।

ନବୋଦୟ ବିଦ୍ୟାଳୟ, ସରାଙ୍ଗ

# ନିରବତାର ସ୍ୱର

ବୈଜୟନ୍ତିମାଳା ପ୍ରଧାନ

କେବେ ଶୁଣି ଦେଖ ସମୁଦ୍ରର ଘୋର ଗର୍ଜନ ଭିତରେ
ମୁଖାଗ୍ନି ଦେଇ ଠିଆ ହୋଇଥିବା ପୁଅଟିର ସ୍ୱର ।
କେବେ ଶୁଣି ଦେଖ ପରୀକ୍ଷା ଉତ୍ତୀର୍ଣ୍ଣର ଉତ୍ସବ ଭିତରେ
ଉତ୍ତୀର୍ଣ୍ଣ ନ ହୋଇଥିବା ପିଲାଟିର ନିରବର ସ୍ୱର ॥

ଶୁଣି ଥରେ ଦେଖ ବିଦ୍ୟାଳୟ କୋଳାହଳ ମଧ୍ୟରେ
ପଢ଼ିବାରେ ସଂଘର୍ଷ କରୁଥିବା ନୀରବ ମନଟିର କଥା ।
ଶୁଣି ଥରେ ଦେଖ ବାହାଘର ହୋ ହାଲ୍ଲା ଭିତରେ
ନବ ବିବାହିତା ବଧୂଟିର ଗୁମୁରା ମନର ବ୍ୟଥା ॥

ହସ ଉଲ୍ଲାସର କୋଳାହଳ ସ୍ୱର
ଚାରିଆଡ଼େ ଗୁଞ୍ଜି ଉଠେ ।
ହେଲେ ନୀରବରେ ମନଟିଏ ତା'ର
ବହୁ କଥା ଚାପି ରଖେ ॥

ସେ ନିରବତାର ସ୍ୱର ଶୁଣିବାକୁ
କାନ ଥରେ ଡେରି ଦେଖ ।
ଶୁଣି ଥରେ ଦେଖ ବେଦନାରେ ଭରା
ଅକୁହା ମନର ଦୁଃଖ ॥

ନିରବତା ଭାଙ୍ଗି କିଏ ପାଇପାରେ
ବଞ୍ଚିବାର ନୂଆ ରାହା ।
ପାଇପାରେ କିଏ ଏକା ଚାଲିବାକୁ
ଦୁନିଆଁରେ ଏକ ସାହା ॥

ନିରବରେ ଥରେ କାହା କାନ୍ଧ ପରେ
ହାତଟି ପକାଇ ଦେଖ ।
କାହାର ଜୀବନେ ହୋଇପାର ତୁମେ
ଦୟାମୟଙ୍କ ସ୍ୱରୂପ ॥

ସହାନୁଭୂତିର ସଦଭାବନାରେ
ଏ ଦୁନିଆଁ ଭରିଯାଉ ।
ଜଗତର ନାଥ ଚକଡୋଳିଆର
ଏତିକି କରୁଣା ହେଉ ॥



# ଆଶିଷ

ନାରାୟଣ



ଆଶିଷ ତୁମର ସଦା ରହୁ ପ୍ରଭୁ
ଜୀବନର ପ୍ରତି କ୍ଷଣେ
କେବେ ନ ଭାବେ ମୁଁ, ତୁମେ ନାହଁ ପାଶେ
ହାରିଯିବି କେଉଁଠାରେ ।
ହାରିବା ଜିତିବା, ହାରିକି ଜିତିବା
ଜୀବନର ଗୋଟେ ଖେଳ
ତୁମରି ଶରଣେ ରହୁ ଏ ଜୀବନ
ସମୟର ତାଳେତାଳେ ।

ଭାବେ ବହୁ ଥର କିଛି ଦେଇ ନାହଁ
ଦୁଃଖ ଛଡ଼ା ଏ ଜୀବନେ
ପୁଣି ମନେପଡ଼େ
ଜୀବନ ଦେଇଛ
ବୁଦ୍ଧି ବି ଦେଇଛ
ଅହଙ୍କାରେ ମନପଡ଼େ ।

ତୁମରି ହାତରେ ସଂସାର ଚାଲିଛି
କାହିଁ କରେ ମୁଁ ଗରବ
ଭାବେ ସବୁ ମୋର
ଧନ ଦୌଲତ
ଭ୍ରମରେ ବଞ୍ଚେ ଜୀବନ ।

ତୁମେ ସଦା ଥିଲ, ତୁମେ ହିଁ ରହିବ
ରୂପରେ ବା ଅରୂପରେ
ତଥାପି ଭାବେ ମୁଁ
ଦୁଃଖ ବିନା ସୁଖ ମୂଲ୍ୟ କିଛି ନାହିଁ ଜୀବନରେ ।

ଆଜି ସୁଖ ଅଛି କାଲି ରହିବନି
ସମୟର ଏହା ଚକ୍ର
ହେଲେ ଏ ଅବୁଝା ମନ ବୁଝେ ନାହିଁ
ପାଏ ଦୁଃଖ ଆଉ କଷ୍ଟ ।

ଆଖି ଦେଇ ଅଛ, ସୃଷ୍ଟିକୁ ତୁମର
ମନ ଭରି ଦେଖୁଥିବି
ଓଠରେ ମୋହର
ମଧୁର ବଚନେ ସଭିଙ୍କ ମନ ଜିଣିବି ।

କଣ୍ଠରେ ମୋହର ଥାଉ ତୁମ ନାମ
ସୁଖ ହେଉ ଅବା ଦୁଃଖରେ
ଭାଙ୍ଗି ନ ପଡ଼େ ମୁଁ
ତୁମେ ଥାଅ ପ୍ରଭୁ
ହୃଦୟର ପରିଧି ଭିତରେ...

# ଶ୍ରେଷ୍ଠ ସମର୍ପଣ

ପଞ୍ଚାନନ ଜେନା

ରାଷ୍ଟ୍ରପାଇଁ ନିସ୍ୱାର୍ଥ ପ୍ରେମ
ଦେଶପାଇଁ ତ୍ୟାଗ-ଶ୍ରମ
ଥରେ ମୁଣ୍ଡ- ପିଣ୍ଡ ଉପରକୁ ଉଠିଗଲେ
ଜାଣ ସବୁସରିଲା
ଦେଶପ୍ରେମ ଭୂତ
ବେତାଳ ପରି ଜାଣ ସବାର ହେଲା
ଦେଶପାଇଁ ଶହୀଦ ହେବା
ଗୌରବମୟ ଗାଥାରେ ସାମିଲ ହେବା
ଆତ୍ମାରେ ଜାଣ ବସା ବାନ୍ଧିଲା ।

ରାଷ୍ଟ୍ରଭକ୍ତି ପବିତ୍ର ଭାବନା ଧାରା
ଶେଷ ରକ୍ତବିନ୍ଦୁ ସମର୍ପିତ
ମାତୃଭୂମି ପାଇଁ ଜୀବନଦାନ ତୁଚ୍ଛ
ଶେଷ ନିଃଶ୍ୱାସ ତ୍ୟାଗାର୍ଶିତ

ଏଗାର ବର୍ଷ କୁନି ବାଳକ ବାଜି ରାଉତ
ରାଷ୍ଟ୍ରପ୍ରେମ ମୁଣ୍ଡରେ ପଶିଥିଲା
ମିଳିଲା - ଫିରିଙ୍ଗି ଗୁଳି

ପାଇକ ବକ୍ସି ଜଗବନ୍ଧୁ ବିଦ୍ୟାଧର
ରାଷ୍ଟ୍ରପ୍ରେମ ମଗଜରେ ପଶିଥିଲା
ମିଳିଲା - ବରଗଛ ଶୂଳୀ

ଚଷାଖଣ୍ଡର ବାଘା ଜତିନ୍ ଦାସ
ରାଷ୍ଟ୍ରପ୍ରେମ ଚେତନାରେ ମିଶିଗଲା
ବ୍ରିଟିଶ୍ ସରକାର ବିରୁଦ୍ଧରେ ମେଳି ବାନ୍ଧିଲା
ମିଳିଲା - ଅକାଳ ମୃତ୍ୟୁ - ବଳି

ଖଣ୍ଡବୀର ସୁରେନ୍ଦ୍ର ସାଏ
ରାଷ୍ଟ୍ରପ୍ରେମ ମନ ମୂଳକରେ ଘର କରିଗଲା
ସିପାହୀ ବିଦ୍ରୋହ ଆରମ୍ଭ କରିଦେଲେ
ମିଳିଲା - ବନ୍ଦୀ ଜୀବନ ଓ ମୃତ୍ୟୁ



ନେତାଜୀ ସୁଭାଷଚନ୍ଦ୍ର ବୋଷ
ରାଷ୍ଟ୍ରପ୍ରେମ ଆତ୍ମାରେ ଘର କରିଗଲା
ଆଇ ସି ଏସ୍ ଚାକିରିକୁ ଗୋଇଠା ମାରି
ମୁକ୍ତି ଆନ୍ଦୋଳନରେ ଡେଇଁ ପଡ଼ିଲା
ମିଳିଲା - ଦେଶଦ୍ରୋହ ବାସନ୍ଦ
ଗୁମନାମ ଶେଷ ଜୀବନ - ମୃତ୍ୟୁ

ଭଗତ ସିଂହ ଉଦ୍ଦାମ ଯୁବକ
ରାଷ୍ଟ୍ରଭକ୍ତି ଆତ୍ମାରେ ପଶିଗଲା
କାଲ ବ୍ରିଟିଶ୍ ସରକାର ପାଇଁ
ବମ୍ ଧମାକା କରି ଧୂଆଁବାଣ ମାରିଲା
ମିଳିଲା - ଜେଲ ଓ ଫାଶି

ସାଧାରଣ ଭାଷାରେ କିଛି ମିଳିଲାନି
କିନ୍ତୁ
କାଳବକ୍ଷରେ ଅମଳିନ ମହାପୁରୁଷ
ସାରା ଦେଶ ପାଇଁ ଗର୍ବ ଗୌରବ ଈକ୍ଷ
ପାଳିତ ହେଉଛି ଜୟନ୍ତୀ- ତିରୋଧାନ ଦିବସ
ତ୍ୟାଗ ବି ସ୍ୱର୍ଣ୍ଣିମ
ବଳିଦାନ ବି ଡିଣ୍ଡିମ
ଗୁଳି - ଶୂଳିରେ ମରି ବି ଅମର
ଆଜି ବି ଜନ ମାନସରେ
ପ୍ରେରଣା ସ୍ରୋତ ସ୍ୱାକ୍ଷର
ଦେଶ ପାଇଁ ମନ ଧନ ଶୈଶବ ଯୌବନ
ବଳିଦାନ ଅର୍ପଣ ତର୍ପଣ
ମାତୃଭୂମି ପାଇଁ ଜୀବନଦାନ ତୁଚ୍ଛ ତପସ୍ୟା
ବନ୍ଦେ ମା' ତରମ୍ ଶ୍ରେଷ୍ଠ ସମର୍ପଣ ।

ସ୍ନାତକୋତ୍ତର ଶିକ୍ଷକ (ଇତିହାସ)
ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ସରାଙ୍ଗ
୨୩-୦୫-୨୦୧୬ ଠାରୁ କାର୍ଯ୍ୟରତ

# କିଛି କଥା

**ବିଶ୍ୱଜିତ ସାହୁ**

ସ୍କୁଲ ଗେଟ୍: ଯେତେ ଥର ନବୋଦୟକୁ ମନେପକେଇ ବନ୍ଦ ହୁଏ ଆଖି ସେତେଥର ଦେଖାଯାଏ come to learn go to serve.

ହନୁମାନ ମନ୍ଦିର: ବୋର୍ଡ଼ ପରୀକ୍ଷାର ସବୁ ପରୀକ୍ଷା ପୂର୍ବରୁ, ଦହି ଚିନି ଖାଇବାର ଖୁସି ଆଉ କେଉଁଠି ମିଳିବ ?

Assembly: ସ୍କୁଲ ସାବଧାନ, ସ୍କୁଲ ବିଶ୍ରାମ, ପ୍ଲେଜ୍, ନେସନାଲ ଆନ୍ଥେମ୍ ମନେପଡ଼ିଲେ, ଏବେବି କାନକୁ ଡ୍ରମ୍ ବିଟ୍ ଶୁଭେ ।

ରିସେସ୍ ବେଲ୍: ଉଦ୍ଧବ ଭାଇ ସହ extra ବରାଟେ ପାଇଁ ଯୁକ୍ତି ସେତେଥର ମନେପଡ଼େ ଯେତେ ଥର ଘରପାଖ ଦୋକାନରେ ଏ ହାତ ବରା ଠୁଙ୍ଗା ଧରେ ।

ଭୋଲା ଭାଇ ଦୋକାନ: ବୋଉ ସହ କଥା ହେବା ପାଇଁ ସେ କଳାରଙ୍ଗର ଜିଓ ଫୋନ୍ ହିଁ ସତ୍ୟ ଦୁନିଆରେ ବାକି ସବୁ ମିଛ ।

Smart class: ୪୫ ମିନିଟରେ ସାମସଙ୍ଗ ଲାପଟପ୍ ହିଁ ବେଷ୍ଟ ଫ୍ରେଣ୍ଡ୍ ହେଇଯାଏ ।

କ୍ଲାସ୍ ପ୍ରୋଜେକ୍ଟର: ଜେନା ସାରଙ୍କ ପାୱାର ପଏଣ୍ଟ୍, ମ୍ୟାପ ପ୍ରାକ୍ଟିସ, ମମତା ମ୍ୟାମ୍ଙ୍କର sample paper ଏବେ ବି ମନେଅଛି ।

PT Class : ରାତି ଅନିଦ୍ରା ହୋଇ ଠିକ୍ ପାହାନ୍ତା ବେଳକୁ ଶୋଇଲେ, ନିଦ ଭାଙ୍ଗେ ସାର୍ଙ୍କ ହୁଇସିଲ ।

ବେଞ୍ଚ: କ୍ଲାସରେ ପହଞ୍ଚିବା ପରେ ସାଙ୍ଗ ବ୍ୟାଗ୍‌ରେ ବେଞ୍ଚ ପୋଛିଥିବା ପିଲା ହିଁ ଜାଣିଛି ତାଳଚେରକୁ City of Black Diamond କାହିଁକି କୁହାଯାଏ ।

ପରୀକ୍ଷା ହଲ୍: ପରୀକ୍ଷା ପୂର୍ବ ରାତିରେ ହୋଲ୍ ନାଇଟ୍ ପଢ଼ିଲା ପରେ, ହଲ୍‌ରେ ନିଦ ଲାଗିଲେ ପିଲାଟେ ପାଇଁ ପାସ୍ ମାର୍କ ବି କ୍ଲାସ୍ ଟପ୍ ହେବା ଭଳି ଖୁସି ଦିଏ ।

ବାଲି ପଡ଼ିଆ: ସକାଳ ୮ଟାରେ ଫୁଲ୍ ସାର୍ଟ, ଫୁଲ ପ୍ୟାଣ୍ଟ୍, ସକ୍ସ, ବୁଟ୍, ଟାଏ, ବ୍ୟାଚ୍, ଆଇ କାର୍ଡ଼ ପିନ୍ଧିଥିବା ପିଲାଟେ ଉପରଓଳି ସାଢ଼େ ୫ଟା ବେଳେ ବାଲିରେ ଗଡୁଥିବାର ଦେଖାଯାଏ ।

Evening Assembly: ଚୁପଚାପ୍ ସ୍ଥିର ହୋଇ ବସିପାରୁ ନଥିବା ପିଲା, ସ୍ଥିର ଚିତ୍ତରେ ପ୍ରାର୍ଥନା ବୋଲୁଥିବାର ଦେଖାଯାଏ 'ଯେ ମାଲିକ୍ ତେରେ ବନ୍ଦେ ହମ୍' ।

School Captain: ଦିନେ କ୍ଲାସରେ ଛିଡ଼ା ହୋଇ ଉତ୍ତର ଦେବାକୁ ଡରୁଥିବା ପିଲାଟିଏ ୫୬୦ ପିଲାଙ୍କୁ ସାବଧାନ ହେବା ପାଇଁ କମାଣ୍ଡ ଦିଏ...

Class: ସବୁବେଳେ ଚୁପଚାପ୍, ଗୁମସୁମ୍ ରହୁଥିବା ପିଲାଟେ ଆଜି ସବା ପଛ ବେଞ୍ଚରୁ ମଜା କଥା କହିଲେ ୪୦ ପିଲା ଆଉ ତା' ସହ ଟିଚର ବି ନିଜ ହସ ଅଟକାଇ ପାରନ୍ତିନି ।

House : ହଷ୍ଟେଲ ନୁହେଁ ସେଟା ହାଉସ, ସେଠି ସମସ୍ତେ ଭାଇ, ଭାଇ । ଗୋଟେ ବଡ଼ ପରିବାର ଯେଉଁଠି ଗୋଟେ ରଙ୍ଗ ସାରା ଜୀବନର ପୁଞ୍ଜି ।

(୨୦୧୫-୨୨)



# ଚିହ୍ନା ଅଚିହ୍ନା

ଦୁର୍ଯ୍ୟୋଧନ ସାହୁ

ରବି, ଗାଡ଼ି ଆଗରେ ଅଟକାଇବ, ମିଠା ମକା ଦି'ଟା ନବା ।

- ଆଜ୍ଞା । ଆଲୁଅଝରଣ ଛକରୁ ନା ବିଜାସାହି ଛକରୁ ?

- ବିଜାସାହି ବାଞ୍ଛାକୁସୁମ ଠୁଁ ନେଇଯିବା ।

ଗାଡ଼ିର ବେଗ କମି କମି ଆସିଲା । ଏହା ମଧ୍ୟରେ କାର ଆସି ପହଞ୍ଚି ଯାଇଥାଏ ରାସ୍ତା କଡ଼ରେ ମକା ବିକା ହେଉଥିବା ସେ ଦୋକାନ ପାଖରେ ।

ଗାଡ଼ିରୁ ବାହାରି ଆସିଲେ ଅର୍ଜୁନ ସାର୍ ।

ତରତର ହୋଇ ଯାଇ ପହଞ୍ଚି ଗଲେ ଦୋକାନ ଆଗରେ ।

- ସାର୍ ନମସ୍କାର । କହି ଅଭିବାଦନ ଜଣାଇଲା ମକା ବିକୁଥିବା ପିଲାଟି । ପିଲାଟିର ବୟସ ୧୮ କି ୨୦ ସରିକି ହେବ । ପତଳା ଶରୀରକୁ ଢାଙ୍କି ରଖିଛି ପୁରୁଣା ଫୁଲ୍ ପେଣ୍ଟ୍ ଓ ଫିକା ପଡ଼ି ଯାଇଥିବା ସାର୍ଟଟିଏ ।

'ଗ୍ରାହକକୁ କିପରି ଭାବେ ଆକୃଷ୍ଟ କରିହେବ ସେ କାଇଦା ତାହାହେଲେ ଜଣା ଅଛି' ଆପଣା ଛାଏଁ ପାଟିରୁ ବାହାରିଗଲା ରବିର ।

- ମକା ଭାଗ କେତେ ? ସାର୍ ପଚାରନ୍ତେ ପିଲାଟି କହିଲା ୫୦ ଟଙ୍କା, ଆପଣ ୪୦ ଦେବେ । ଠିକ୍ ଅଛି ଚାରି ଭାଗ ଦେଇଦିଅ ।

ରବି ଏଥି ମଧ୍ୟରେ ପହଞ୍ଚି ଯାଇଥାଏ ସେଠାରେ ।

ଚାରିଭାଗ ଆଶ୍ଚର୍ଯ୍ୟ ହୋଇଗଲା ରବି ।

- ଓଃ ଶସ୍ତାରେ ପାଇଲେ ବୋଲି ସାର୍ ଚାରି ଭାଗ ନେବାକୁ ରାଜି ହୋଇଗଲେ, ନହେଲେ କଟକ କି ଭୁବନେଶ୍ୱର ଆସିଲେ ମୋତେ ହୋଟେଲରେ ଖାଇବାକୁ ଦେଇ ନିଜେ ଘରୁ ଧରି ଆସିଥିବା ଖାଦ୍ୟ ଖାଇଥିବା ଲୋକ ଆଜି...

ଚିନ୍ତାରେ ପୂର୍ଣ୍ଣଛେଦ ଟାଣି ପଛରୁ ଶୁଭାଗଲା କାରର ହର୍ଣ୍ଣ ।

କାରରୁ ଓହ୍ଲେଇ ଆସିଲେ ସୁଟ୍ ପରିହିତ ଜନୈକ ଧନୀ ବ୍ୟକ୍ତି ।

ଆରେ ଏ କ'ଣ! ପିଲାଟି ଭଦ୍ରବ୍ୟକ୍ତିଙ୍କୁ ନମସ୍କାର ହେଲାନାହିଁ ।

ରବିର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ ଏହାର କାରଣ ଜାଣିବାରେ ।

- ସାର୍ ଆପଣ ଅର୍ଜୁନ ସାର୍ ନା ?

ପିଲାଟିର ସ୍ୱର ଥିଲା ଆତ୍ମବିଶ୍ୱାସରେ ଭରା ।

ହଠାତ୍ ଆକାଶରେ ବିଜୁଳିର ଚମକ ସାର୍‌ଙ୍କୁ ବୋଧହୁଏ କିଛି ପ୍ରତ୍ୟୁତ୍ତର ଦେବାପାଇଁ ସୁଯୋଗ ଦେଲା ନାହିଁ । ରବି ଗାଡ଼ି ଷ୍ଟାର୍ଟ କର, କହି ମକା ତକ ଧରି ୨୦୦ଟଙ୍କିଆ ନୂଆ ନୋଟ୍‌ଟିଏ ପିଲାଟିକୁ ଧରାଇ ଦେଇ କ୍ଷିପ୍ର ବେଗରେ ଯାଇ ଗାଡ଼ିରେ ବସିପଡିଲେ ।

- ଓଃ, ତା'ହେଲେ ପିଲାଟି ସାରଙ୍କୁ ଚିହ୍ନିପାରିଛି । ମନକୁ ମନ କହିଲା ରବି ।

ପିଲାଟି ପଛେ ପଛେ ଗାଡ଼ି ଯାଏ ଯାଇ ସାରଙ୍କୁ ୪୦ ଟଙ୍କା ଫେରାଇବା ସମୟେ ସାର ଅଳ୍ପ ହସି କହିଲେ ଥାଉ ଆରଥର ମକା ନେଲା ବେଳକୁ ଅଧିକ ଦିଟା ଦେଇଦବ ।

ରବିର ମନରେ ନାନା ପ୍ରଶ୍ନ ଉଙ୍କି ମାରୁଥାଏ । ସାର୍ ପିଲାଟିକୁ ଚିହ୍ନିଲେ ନାହିଁ କାହିଁକି ? ଚିହ୍ନିଥିଲେ ଶସ୍ତାରେ ମକା

ଦେଇ ନଥାନ୍ତା ? ମିତବ୍ୟୟୀ ସାର୍ କ'ଣ ପାଇଁ ୪୦ ଟଙ୍କା ନ ନେଇ ଚାଲିଆସିଲେ ?

କାର ଉପରେ ହାଲକା ବର୍ଷା ଟୋପାର ଶବ୍ଦ ରବିର ମନରୁ ସବୁ ଚିନ୍ତା ପୋଛିଦେଲା । ରବି ଡ୍ରାଇଭିଂରେ ମନୋନିବେଶ କଲା ।

ଘର ପାଖରେ ଗାଡ଼ି ଅଟକିଲା । ସାର୍ ଗାଡ଼ିରୁ ବାହାରି ଆସିଲେ ।

ତରତର ହୋଇ ଘରକୁ ବାହାରିଲା ବେଳକୁ ରବି ଡାକିଲା – ସାର୍ ମକା ରହିଗଲା ।

- ସେତକ ତୁମ ପାଇଁ । ଆଚ୍ଛା ରବି ଆର ମାସରେ ଟିକେ ଜଲଦି ବାହାରିଲେ ହୁଅନ୍ତା ନାହିଁ । ଚେକ୍ ଅପ୍ ଡେଟ୍ ଅଛି ଆର ମାସରେ ।

- ଆଜ୍ଞା ।

ଗାଡ଼ି ଇଞ୍ଜିନର ଶବ୍ଦ କ୍ଷୀଣରୁ କ୍ଷୀଣ ତର ହୋଇ ଆସିଲା ।

ମାସକ ପରେ...

-ରବି ଦେଖୁଛ କିପରି କାଳବୈଶାଖୀ ମାଡ଼ିଆସିଲାଣି, କେମିତି ଯିବା ?

ଗାଡ଼ି ଭିତରେ ଆମେ ଯିବା, ଅସୁବିଧା ନାହିଁ । ଯଦି ବର୍ଷା ଅଧିକ ହୁଏ କେଉଁଠି ଟିକେ ରହିଯିବାନି ?

ଯାହାହେଉ ରହିବାକୁ ପଡ଼ିଲା ନାହିଁ ବାଟରେ, ଅଳ୍ପ ଅଳ୍ପ ବର୍ଷାରେ କାମାକ୍ଷା ଛକ ଯାଏ ପଳେଇ ଆସିଲେ । ଆକାଶ ଅନ୍ଧାରୁଆ କରି ରଖିଥାଏ । ପଣ୍ଡୁଆ ଛକରେ ଗାଡ଼ି ଅଟକାଇବାକୁ କହିଲେ ସାର୍ । ଉ୍ଵିଣ୍ଡୋ ଗ୍ଲାସ୍‌କୁ ଖସାଇ କାହାକୁ ଡାକିଲେ : ଚିଉ, ଚିଉ ଇଆଡ଼େ ଆସ । କାହାକୁ ଡାକୁଛନ୍ତି ସାର୍ ?

ଝରକା ପାଖରେ ଆସି ଠିଆହୋଇ ସାରଙ୍କୁ ନମସ୍କାର ଜଣାଇଲା ଆଗନ୍ତୁକ ।

- ଆରେ ମକା ବିକୁଥିବା ପିଲାଟା ତ ।

ସାରଙ୍କ କଥା ମାନି କୁନ୍ଥୁ କୁନ୍ଥୁ ହୋଇ ଚିଉ ଆସି ଗାଡ଼ିରେ ବସିଲା ।

ସାରଙ୍କ ସହ ବସିବା ସେ ସମୟରେ ଏକ ଅସମ୍ଭବ ଘଟଣା ପରି ମନେ ହେଉଥିଲା । କିଛି କ୍ଷଣର ନିରବତା ଭଙ୍ଗ କରି ସାର୍ ପଚାରିଲେ:

ଆରେ ପୁଅ ତୋ ଘରଟା ଠିକ୍ କେଉଁଠି କହିଲୁ ? କେଉଁଠି ତୋତେ ଛାଡ଼ିଲେ ହେବ ?

- ସାର୍ ସେଇ ପାଖରେ ଯେଉଁଠି ମୁଁ ମକା ବିକେ ।

ନିଜର ମକା କରିଛ...

ନାହିଁ ସାର୍, ଆଗରୁ କରୁଥିଲୁ । ବାପା ଚାଲିଗଲା ପରେ ଆଉ ପାରୁନୁ । କିଣିକି ଆଣି ବିକେ । ଘର ଚଳିବା ବି ଦରକାର । ମାଆ ଆଗରୁ ମୂଲ ମଜୁରୀ କରେ । ମୁଁ ମନା କରିବାରୁ ଏବେ ଯାଉନି ।

ମନକୁ ମନ ସାର୍ ଚିଉକୁ ପ୍ରଶଂସା ନକରି ରହିପାରୁ ନଥିଲେ । ମାତୃଭକ୍ତି ଓ ଗୁରୁଭକ୍ତିର ଅତୁଳନୀୟ ଉଦାହରଣ ଦେଉଛି ଏତେ ଛୋଟ ପିଲାଟି । ଖେଳିବା ବୁଲିବା ସମୟରେ ପରିବାର ଚଳାଇବାର ବୋଝ ବହନ କରିଚାଲିଛି । ଇତି ମଧ୍ୟରେ ଚିଉର ଘର ଆସି ଯାଇଥାଏ ।

ସାର୍ ଏଇଠି ରହିବି । ଗାଡ଼ି ରହିଲା ।

- ସାର୍ ଘରକୁ ଆସିବେନି ?

- ନାହିଁରେ ବାବା ଆଜି ନୁହଁ, ଦିନେ ନିଶ୍ଚୟ ଆସିବି । ନମସ୍କାର ଜଣାଇ ଚିଉ ବିଦାୟ ନେଲା । ଦୂରରୁ ଜଣେ ସ୍ତ୍ରୀଲୋକ ଇତସ୍ତତଃ ପଦଚାରଣ କରୁଥିଲେ, ବୋଧହୁଏ ଚିଉର ମାଆ ହୋଇଥିବେ ।

ଅଦିନିଆ ବର୍ଷା ପବନରେ ପୁଅଟାକୁ ବାହାରକୁ ଛାଡ଼ିଦେଇ ମା' କ'ଣ ସ୍ଥିର ହୋଇ ରହିପାରେ !

ଗାଡ଼ି ପୁଣି ଷ୍ଟାର୍ଟ କଲା ରବି ।



କ’ଣ ଭାବୁଛ ରବି ?

ଅପ୍ରସ୍ତୁତ ହୋଇଗଲା ରବି ।

– ନାହିଁ ସାର୍ ସେଦିନ ଆଉ ଆଜି କଥା ଭାବୁଥିଲି । ସେଦିନ ଆପଣ ତାକୁ ଚିହ୍ନିପାରିଲେ ନାହିଁ, ଆଜି ତାକୁ ଡାକି ଆଣି ଘରେ ଛାଡ଼ିଲେ !

– ନାହିଁ ରବି ନାହିଁ, ତୁମେ ଭାବୁଛ ସେଦିନ ମୁଁ ତାକୁ ଚିହ୍ନିପାରିନି ?

– ତା’ହେଲେ ଆପଣ ତାକୁ ଚିହ୍ନିଛନ୍ତି ବୋଲି କହିଲେ ନାହିଁ କାହିଁକି ?

– ଏତିକି ବୁଝିପାରୁନ, ତାକୁ ଚିହ୍ନା ଦେଇଥିଲେ ସେ ଆହୁରି ଶସ୍ତାରେ ମକା ଦେଇଥାନ୍ତା । ଦରକାର ପଡ଼ିଲେ କିଣା ଦର ଠାରୁ ବି କମ୍‌ରେ ଦେଇଥାନ୍ତା । ଏହା କ’ଣ ଠିକ୍ ହୋଇଥାନ୍ତା ? ଆଉ ଆଜି ତାକୁ ଦେଖି ମୁଁ ନ ଆଣି ମେଘ ପବନରେ ଛାଡ଼ି ଆସିବାଟା କ’ ଣ ଠିକ୍ ହୋଇଥାନ୍ତା ? ଏପରି ଦାୟିତ୍ୱବାନ ପିଲାକୁ ଭଗବାନ ବି ସାହାଯ୍ୟ କରନ୍ତି, ଆଉ ଆମେ କିବା ଛାର ମଣିଷ ।

କିଏ ଅଧିକ ପ୍ରଶଂସାର ପାତ୍ର ? ଅର୍ଜୁନ ସାର୍ ନା ଚିଉ ? ଏହି ପ୍ରଶ୍ନର ଜାଲରେ ଛନ୍ଦି ହୋଇପଡିଥିବା ଅର୍ଦ୍ଧ-ଶିକ୍ଷିତ ରବି ଏହାର ଉତ୍ତର ନ ଖୋଜି ବିଚାରିଲା, ଯାହା ହୋଇଛି ଭଲ ହୋଇଛି ।

(୧୯୮୮-୯୪)

ଅନନ୍ତପୁର, କାମାକ୍ଷା ନଗର, ଢେଙ୍କାନାଳ

# ନୀଡ଼ ଠାରୁ ଦୂରେ

ରଶ୍ମି ରଞ୍ଜନ ରାଉତ

ବାକ୍ସର ବୋଝରେ ମୁଣ୍ଡଟା ତଳକୁ ନଇଁ ଯାଉଥାଏ । କୁନି କୁନି ହାତରେ ଶକ୍ତ ଚାପୁଡ଼ା ମରା ବେଣ୍ଟି ପକା ଆଙ୍ଗୁଠିକୁ ଧରି ଟାଣ ଖରାରେ ପଥୁରିଆ ଆବୁଡ଼ା ଖାବୁଡ଼ା ରାସ୍ତାର ବ୍ୟବଧାନକୁ ଅତିକ୍ରମ କରିଚାଲିଥାଏ ସେ । କିଛି ସମୟର ବ୍ୟବଧାନ ପରେ ନାମାଙ୍କନ ସହ ଆବାସିକ ବିଦ୍ୟାଳୟର ଆବାସ ସ୍ଥାନ ଆବଣ୍ଟନ ସହ ସକାଳର ସୁରୁଜ ମଉଳି ଆସେ । ନାନାବାୟା ଗୀତ ଆଉ ଶୁଭେନି କି ସନ୍ଧ୍ୟାର ତାଗିଦ୍ ଭରା କଣ୍ଠରେ କେହି ପଢ଼ ବୋଲି କୁହେନି । ସବୁ ନିଜେ କରିବାକୁ ହେବ । ଆତ୍ମନିର୍ଭରଶୀଳ ଜୀବନ ନାଆରେ ପାରିହେବା କଷ୍ଟ ।

ଘରଠାରୁ ଦୂରରେ ଆଉ ଗୋଟେ ଘର । ନୂଆ ଏକ ପରିବାର । କିଏ ବାପା କିଏ ମା’ ଆଉ କିଏ ଭାଇ ଓ ଭଉଣୀ । ସବୁ ସଂଜ୍ଞା ବଦଳି ଯାଇଛି । ସକାଳୁ ସଞ୍ଜ ବୁଡ଼ା ଯାଏଁ ଲୋତକନୟନରେ କେତେ କଥା ଅପସରି ଯାଏ ।

ଏଇ କେଇଟା ଦିନ ପରେ ସବୁ ଚିହ୍ନ ଚିହ୍ନା ଲାଗେ । ମଉଳା ଫୁଲର ବାସ୍ନାରେ ଚାରିଦିଗ ମହକି ଉଠେ । ସକାଳର ବ୍ୟାୟାମ ଠାରୁ ସନ୍ଧ୍ୟାର ପ୍ରାର୍ଥନା ପର୍ଯ୍ୟନ୍ତ ଏକ ସୂତ୍ରରେ ବନ୍ଧା ଜୀବନଚର୍ଯ୍ୟା । ଏମିତି ଚାହୁଁ ଚାହୁଁ ଜୀବନ ବିତିଯାଏ ।

ରଞ୍ଜନ ୧୯୯୫ ମସିହାରେ ସେ ଅସ୍ଥାୟୀ ଶ୍ୟାମଳ ପରିବେଶରେ ପାଦ ରଖି କେବେ ସାତ ବର୍ଷ ଅତିକ୍ରମ କରେ ସେ ନିଜେ ବି ଠଉରାଇ ପାରେନି ।

ସହପାଠୀ, ସମୟ ଅସମୟରେ କାନ୍ଥ ଭଳି ଆଗରେ ଠିଆ । ମନେଅଛି, ପଖାଳ ଭାତର ଆବିଳତା ଅନେକ ଛାତ୍ରଙ୍କୁ ଭୋଜନାଳୟରୁ ଭାତ ଲୁଚାଇ ଆଣିବା ପାଇଁ ବାଧ୍ୟ କରେ ।

ଏପଟେ ଭାତର ଆପୁର୍ତ୍ତୀ ଶିକ୍ଷକମାନଙ୍କୁ ବିବ୍ରତ କରେ । ସେଦିନ ରାତିରେ ହଠାତ୍ ଆବାସ ସ୍ଥାନରେ ଚଢ଼ାଉ କରି ସ୍ୱାଇଁ ସାର୍ ଓ ପଣ୍ଡା ସାର୍ ଚାରି ବାଲ୍‌ଟି ଭାତ ଜବତ କରନ୍ତି । ରାଗ ଜର୍ଜରିତ ସ୍ୱାଇଁ ସାର୍‌ଙ୍କ ମୁଖମଣ୍ଡଳ ଲାଲ୍ ପଡ଼ିଯାଇଥାଏ । ସମସ୍ତଙ୍କ ମନରେ କୋକୁଆ ଭୟ ।

- କିଏ ଆଣିଛି ?

ଏ ପ୍ରଶ୍ନର ଉତ୍ତର ଦେବା ପାଇଁ କେହି ବି ସତ୍‌ସାହସ କରି ପାରିଲେନି ।

- ଠିକ୍ ଅଛି ତେବେ ସମସ୍ତେ ମାଡ଼ ଖାଇବାକୁ ପ୍ରସ୍ତୁତ ରୁହ ।

ଫୁସଫୁସ୍ ହୋଇ ଅନେକ ବିଚାର ବିମର୍ଷ ଚାଲିଥାଏ । ଚାରି ବାଲ୍‌ଟି ଭାତ, କୋଡ଼ିଏରୁ ତିରିଶ ଜଣ ପିଲା ଅଖିଆ । ମାଡ଼ ଆରମ୍ଭ ହୁଏ ।

ହଠାତ୍ ଛୋଟ ପିଲାଟିଏ ଆଗକୁ ଆସି ସବୁ ସ୍ୱୀକାର କରି ନିଏ ।

- ମୁଁ ଆଣିଛି । ପଖାଳ ଖାଇବା ପାଇଁ ।

- ଏକା ନା ଆଉ କିଏ ସବୁ ସାଙ୍ଗରେ ଅଛନ୍ତି ?

- ନାଁ ମୁଁ ଆଣିଛି ।

ତା'ପରେ ବର୍ଷା ଆଉ ଗୋଟିଏ ପରେ ଗୋଟିଏ ଚଉଦଟି ଅମରି ବାଡ଼ି ବଳି ପଡ଼ିଗଲେ ହେଲେ ମୁଁ ଶବ୍ଦଟା ଖୁବ୍ ଶକ୍ତ ଓ ଦମ୍ଭିଲା ଖୁଣ୍ଟ ପରି ଠିଆ ହୋଇଥାଏ । ମାଡ଼ର ଭୟ ତିଳେ ହେଲେ ଦୋହଲାଇ ପାରିଲାନି ।

ରଞ୍ଜନ ଆବାକ୍ । ଏ ଭଳି ସାଙ୍ଗ ପାଇଁ ନିଜକୁ ବଳିଦେବା ସେ ପ୍ରଥମ ଥର ନଜିର କରିଛି । - ବାଃ !! ପ୍ରକୃତ ବନ୍ଧୁ ।

ଏମିତି ଅନେକ ଥର ଜୀବନ ଦୋ-ଛକିରେ ସେ କେତେ ଜଣଙ୍କୁ ଭେଟିଛି ଆଉ ସେ ସବୁ ସ୍ମୃତିର ଫରୁଆରେ ଆବଦ୍ଧ କରି ସାଇତି ରଖିଛି ।

ଦେଖୁ ଦେଖୁ ସାତ ବର୍ଷ କଟିଯାଇ ବିଦାୟ ବେଳା ଆସିଯାଏ । କେତେ ନାଳ, ନଦୀ, ଜଙ୍ଗଲ, ଦୋକାନ, ଚଳଚ୍ଚିତ୍ର ପ୍ରେକ୍ଷାଳୟ, ପାହାଡ଼ ପର୍ବତ, ଯାନବାହାନ, ଘରଦ୍ୱାର ସବୁ ସେଇଠି ଆଉ ରଞ୍ଜନ ଆଉ ଏକ ନୂତନ ସୃଷ୍ଟିର ରହସ୍ୟ ଉନ୍ମୋଚନ ପାଇଁ ନିଜକୁ ବିକି ଦିଏ ।

କୋରାପୁଟର ଜଙ୍ଗଲ ପରିବେଷ୍ଟିତ ନବୋଦୟ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ ହୁଏ । ଖୁବ୍ ଆକର୍ଷଣୀୟ ପରିବେଶ ଓ ଖାଦ୍ୟ । ଦିନଗୁଡ଼ାକ ଖୁସିରେ ବିତିଯାଏ । ସୁଦୂର ମୟୂରଭଞ୍ଜ ଜିଲ୍ଲାର ନବୋଦୟ ବିଦ୍ୟାଳୟଠାରେ ଅନୁଷ୍ଠିତ ଖେଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପିଲାମାନଙ୍କୁ ନେଇ ସେଠାରେ ପହଞ୍ଚିବାକୁ ହେବ । ବସ୍ ଯାତ୍ରା କଟକରୁ ମୟୂରଭଞ୍ଜ । ବାୟୁ ସନ୍ତୁଳିତ ବସ୍ ଭିତରେ ଉଞ୍ଜୁତୁରି ଲାଗୁଥାଏ । ହଠାତ୍ ମୋ' ସାମ୍ନାରେ ବସିଥିବା ପିଲାଟି ଅସ୍ତବ୍ୟସ୍ତ ହୋଇ ଠିଆହେବା ପାଇଁ ଚେଷ୍ଟା କରୁ କରୁ ଭକ୍ ଭକ୍ ହୋଇ କଟକ ବସ୍ ଷ୍ଟାଣ୍ଡରେ ଖାଇଥିବା ଭାତ ଓ ତରକାରୀ ବାନ୍ତି କରି ପକାଇଲା । ସବୁଯାକ ବାନ୍ତି ଆଗରେ ବସିଥିବା ପିଲା ଉପରେ ।

ଦୁର୍ଗନ୍ଧରେ ଚାରିଆଡ଼ ଫାଟି ପଡୁଥାଏ । କେହିବି ରାଗି ଯିବ । ବାନ୍ତି କ'ଣ କାହାକୁ ଲାଗେନା । ହେଲେ ବାହାରକୁ ଯାଇ ପାରିଥାନ୍ତା । ବସ୍ ରଖି କରି ପାରିଥାନ୍ତା । ଆହୁରି ଅନେକ ପ୍ରଶ୍ନ ଉଙ୍କି ମାରିଥିବେ ।

ଆଶ୍ଚର୍ଯ୍ୟ, କୌଣସି ବିରକ୍ତି ମନୋଭାବ ପରିବର୍ତ୍ତେ ପିଲାଟି ପିଠିକୁ ସାଉଁଳି ଦେଲା । ପାଖରେ ଥିବା ପାଣି ବୋତଲ କାଢ଼ି ହାତକୁ ବଢ଼ାଇ ଦେଲା ।

ରଞ୍ଜନ ଅବାକ୍ !!

ଏସବୁ ନବୋଦୟ ବିଦ୍ୟାଳୟରେ ଥିବା ଭାଇଚାରାର ନିଚ୍ଛକ୍ ଉଦାହରଣ ।

ଏମିତି ସ୍ୱଳ୍ପ ଚାକିରି କାଳ ସମୟରେ ସେମାନଙ୍କୁ ଅନୁଧ୍ୟାନ କରି ପ୍ରତ୍ୟେକ ମୁହୂର୍ତ୍ତରେ ସେ ସାତ ବର୍ଷକୁ ଭେଟିଛି ।

ଭେଟିଛି ତା' ଛୋଟ ବେଳର ପଖାଳ ଭାତ ମାଡ଼ ଖିଆ ସାଙ୍ଗକୁ, ଭେଟିଛି ବାକ୍ସ ବୋହି ନଇଁ ପଡ଼ିଥିବା ବାପାର ମୁଣ୍ଡକୁ, ଭେଟିଛି ଗଣ୍ଠିଆ ଆଙ୍ଗୁଠିର ସ୍ପର୍ଶକୁ, ଭେଟିଛି ତା' ନିଜ ଲୋତକଭରା ନୟନ ଦୁଇଟିକୁ, ଭେଟିଛି ଅନାବିଳ ପ୍ରେମର ବନ୍ଧନକୁ, ଭେଟିଛି ଅନତି ଦୂରରେ ପ୍ରେମ ସ୍ନେହ ସରଧା ଭରା ମାଆର କୋଳକୁ, ଭେଟିଛି ନୀଡ଼ ଠାରୁ ଦୂର ଆଉ ଗୋଟେ ଅତି ନିଜର ନୀଡ଼କୁ ।

ବର୍ତ୍ତମାନର କଳା ଶିକ୍ଷକ

ନବୋଦୟ - ୧୯୯୫-୨୦୦୨



# ସରିତା ରଥକୁ ନେଇ ଯେତେ ସବୁ ବାଜେ ଗପ

**ଗୌରାଙ୍ଗ ଚରଣ ବେହେରା**
**(୧୯୮୮-୧୯୯୪)**

ସତ କହ ! ଏ ଚିଠି ତୁ କେଉଁଠୁ ଆଣିଲୁ । ପୁଣି ମାଡ଼ । ମୁଁ କିଛି ଭାବିବା ପୂର୍ବରୁ ଖୁବ୍ ଜୋର୍‌ରେ ବେତ୍ରାଘାତ ଜାରି ରହିଛି ପାଣିସାର୍‌ଙ୍କ ଦ୍ୱାରା । ମୁଁ ମାଡ଼ ଖାଉଛି ହେଲେ କାହିଁକି ଖାଉଛି ଜାଣିପାରୁନି । କାରଣ ମୋର ନିଦ୍ରା ତ୍ୟାଗ ହୋଇନାହିଁ ସେ ଯାଏ । ଅପରାଧୀଙ୍କୁ ପୋଲିସ୍ ଉଠାଇ ଆଣିଲା ଭଳି ମୋ' ସିନିୟର ଭାଇମାନେ (ଅବନୀ, ମଦନ, ଯଶୋବନ୍ତ, ପ୍ରଦ୍ୟୁମ୍ନ ଭାଇ ଆଦି...) ମୋତେ ଅର୍ଦ୍ଧରାତ୍ରରେ ଉଠାଇ ଆଣି ଗୋପବନ୍ଧୁ ହଷ୍ଟେଲ ସାମ୍‌ନା ପିଜୁଳି ମୂଳେ ପାଠକ ଓ ପାଣିସାର୍‌ଙ୍କ କୋର୍ଟରେ ପେଶ୍ କରିଛନ୍ତି । ସତେ ଯେପରି ମୁଁ କେଉଁଠି ମଣିଷ ମାରିବାର ଅପରାଧ କରିଛି । ମଣିଷ ମାରିନି ବରଂ କୁହ ତା'ଠାରୁ ଆହୁରି ବଡ଼ ଅପରାଧ କରିଛି । ମୁଁ ଯେ ସରିତା ରଥର ଚିଠି (ଯାହା ତାଙ୍କ ବଡ଼ ଭଉଣୀ ପଠାଇଥିଲେ) ସ୍କୁଲ୍ ଅଫିସ୍‌ରୁ ଚୋରାଇ ଆଣି ପଢୁଥିଲି । ରୀତା, ମିତା, ଗୀତା, ସୀତା ଭଳି ଭବ୍ୟ ଝିଅଙ୍କର ଚିଠି ଆଣି ପଢ଼ିବା ଅଲଗା କିନ୍ତୁ ସରିତା ଚିଠି ପଢ଼ିବା ଅଲଗା । ସରିତା ରଥ ଯେ କୋଟିଏରେ ଗୋଟିଏ । ସାଙ୍ଗସାଥୀଙ୍କ ଠାରୁ ଆରମ୍ଭ କରି ଶିକ୍ଷକମାନଙ୍କ ଯାଏ ସମସ୍ତଙ୍କର ସେ ପ୍ରିୟପାତ୍ର । ରୂପ, ଗୁଣ, ଆଚାର, ବ୍ୟବହାର, କଥାବାର୍ତ୍ତା, ପାଠପଢ଼ା ସବୁଥିରେ ନମ୍ବର ୱାନ୍ । ଆଜିକାଲିର କଥାରେ କହିଲେ ସର୍ବଗୁଣ ସମ୍ପର୍ଣ୍ଣା । ତେଣୁ ତାକୁ ଅସୁବିଧା ପଡ଼ିଛି ମାନେ ବିଦ୍ୟାଳୟକୁ ଶନିଦଶା । ଆଉ ବଡ଼ଭାଇମାନେ ତ ସାନମାନଙ୍କର ଦୋଷ ଖୋଜୁଥାନ୍ତି । ତେଣୁ ମୋ' ପାଖରୁ ସରିତାର ଚିଠି ବରାମତ କରିଛନ୍ତି ମାନେ ମୁଁ ପୁରା କାଠଗଡ଼ାରେ । ମତେ ସର୍ବଶେଷ ଦଣ୍ଡ ନ ଦେବା ଯାଏ

ସେମାନେ କେଉଁଠି ବିଶ୍ରାମ ନେଇପାରୁଛନ୍ତି । ଏଇଠି କହି ରହେ ସରିତା ଓ ରଜନୀ (ରଜନୀ ଏବେ ଦୁବାଇରେ ଡାକ୍ତର) ମୋର ପାଖ ବେଞ୍ଚମେଣ୍ଟ୍ । ଆମମାନଙ୍କ ଭିତରେ ସ୍ୱାଭାବିକ କଥାବାର୍ତ୍ତା, ଗପସପ, ଖାତା ଦିଆନିଆ ସବୁ କିଛି ଚାଲେ । ସ୍କୁଲ୍, ଖେଳପଡ଼ିଆ, ଡାଇନିଂ ସବୁଜାଗାରେ ସରିତା ସହ ମୋର ଦୋସ୍ତି । ଏଇ କଥାଟି ବଡ଼ ଭାଇମାନଙ୍କର ସହଜରେ ହଜମ୍ ହୁଏନି । ଆମେ ମଧ ଦୁଇ ଚାରି ଜଣ ଥିଲୁ (କମଳ, ପ୍ରକାଶ, ବିଶ୍ୱଜିତ୍, ଅମିତାଭ ଆଦି...) । ଭାଇମାନଙ୍କୁ ସବୁ କଥାରେ ବିରୋଧ କରୁଥିଲୁ । ତାଙ୍କର ଦୋଷତ୍ରୁଟି ଉଣ୍ଡାଳୁଥିଲୁ । ସାର୍‌ମାନଙ୍କ ପାଖରେ ସେମାନଙ୍କ ନାମରେ ଚୁଗୁଲି କରିଦେଉଥିଲୁ । ଆଉ ମଜା ନେଉଥିଲୁ । ତେଣୁ ସିନିଅରଙ୍କ ଟାର୍ଗେଟ୍‌ରେ ଆମେ କେତେ ଜଣ ଥିଲୁ ।

ଏବେ ଫେରିବା ମୂଳ କଥାକୁ । ମୋ' ଉପେର ମାଡ଼ ଚାଲିଥାଏ । ପାଣିସାର୍ ପଚାରୁଥାନ୍ତି କହ ଏ ଚିଠି ତୁ କେଉଁଠୁ ଆଣିଲୁ । ପାଠକ ସାର୍ ତାଙ୍କ ଚିରାଚିରତ ଢଙ୍ଗରେ କହୁଛନ୍ତି – ନାଲାୟକ ଲଡ଼କା ସଚ୍ ବତାଓ ନେହିଁ ତୋ ପ୍ରିନିସ୍‌ପାଲ୍ କୋ ବତାଏଙ୍ଗେ । ତୁମ୍‌କୋ ଟି.ସି. ଦେକର ଘର କୋ ଭେଜ୍ ଦେଙ୍ଗେ । ବତାଓ । ମୋର ନିଦ ଟିକେ ଭାଙ୍ଗିଲା । ପାଣିସାର୍ ମଧ କହୁଥାନ୍ତି ବଦମାସ ତୋତେ ଲାଜ ଲାଗୁନି । ତୁ ଝିଅ ପିଲାଙ୍କ ଚିଠି ଆଣି ପଢୁଛୁ । ଏବେ ମୋର ସବୁ କଥା ଗୋଟି ଗୋଟି କରି ମନେପଡ଼ିଲା । ରାତିରେ ଖାଇସାରି ଶୋଇଲାବେଳେ ମୁଁ ଲାଇବ୍ରେରୀରୁ ଆଣିଥିବା ବହି (ମନ୍ମଥନାଥ ଦାସଙ୍କ ଭାରତ ଇତିହାସ) ପଢୁଥିଲି । ପଢୁ ପଢୁ ଶୋଇପଡ଼ିଲି । ସିନିଅର ଭାଇମାନଙ୍କର ଦଶମ ବୋର୍ଡ଼ ପରୀକ୍ଷା ହେତୁ ସେମାନେ ରାତି ଉଜାଗର ହୋଇ ପଢ଼ନ୍ତି । ତାଙ୍କ ପଢ଼ାରେ ଯେତେବେଳେ ବୋରିଂ ଲାଗେ ସେମାନେ ହଷ୍ଟେଲ ସବୁ ରୁମ୍‌ରେ ଗାର୍ଡ଼ମାନଙ୍କ ଭଳି ପେଟ୍ରୋଲିଂ କରନ୍ତି । ତେଣୁ ସେଦିନ ପେଟ୍ରୋଲିଂ କରୁ କରୁ ଗୋପବନ୍ଧୁ ହଷ୍ଟେଲ ରୁମ୍ ନଂ-୨୬ରୁ ମୋ' ଭଳି ଆସାମୀକୁ ରଙ୍ଗେ ହାତ ଧରିଲେ । କାଳବିଳମ୍ବ ନକରି ମୋ' ନାଁରେ ନାଲିସ୍ କଲେ । ମୋର ସବୁ କଥା ମନେପଡ଼ିଲା । ମୁଁ ଯେଉଁ ବହି ଲାଇବ୍ରେରୀରୁ ଆଣିଥିଲି ଦୁଇଦିନ ତଳେ ତାହା ସରିତା ମୋ ଠାରୁ ନେଇଥିଲା । ଆଜି ରାତିରେ ଡାଇନିଙ୍ଗ ହଲ୍‌ରେ ମୋତେ ସେ ଫେରାଇଥିଲା । ତେଣୁ ମୁଁ ବହିଟି ଶୋଇଲାବେଳେ ଖୋଲି ଦେଖୁଥିଲି । ସରିତାର ନାନୀ ତା ପାଖକୁ ଏକ ଚିଠି ପଠାଇଥିଲା । ସରିତା ସେ ଚିଠିକୁ ମୋତେ ଫେରାଇଥିବା ବହିରେ ଭୁଲ୍‌ବଶତଃ ରଖିଥିଲା । ଯାହା ମୋର ହସ୍ତଗତ ହେଲା । ମୁଁ ମଧ୍ୟ ସେ ଚିଠି ପଢୁପଢୁ ଶୋଇପଡ଼ିଲି । ଏହିସବୁ କଥା ମୁଁ ପାଣିସାର୍‌ଙ୍କୁ ସଫା ସଫା କହିଲି । ତା'ପରେ ଯାଇ ସାର୍‌ଙ୍କ ରାଗ କମିଲା । ତଥାପି ମୋତେ କହିଲେ କାଲି ମୁଁ ସରିତାକୁ ଏ କଥା ପଚାରିବି । ଯଦି ତୁ ମିଛ କହୁଥିବୁ ତୋ କଥା ଭଲ ଭାବରେ ବୁଝିବି ।

ତହିଁ ପରିଦିନ ସବୁଦିନ ଭଳି ମୁଁ, ସରିତା, ପାଣିସାର୍, ପାଠକସାର୍, ଗୋପବନ୍ଧୁ ହାଉସର ସିନିଅର ଭାଇମାନେ ସ୍କୁଲ୍‌କୁ ଗଲୁ । ପାଣିସାର୍ ଏ ଘଟଣା ବିଷୟରେ ସରିତାକୁ କ'ଣ ପଚାରିଲେ ଜାଣି ଜାଣିନି, ପାଠକଟୀ ପ୍ରିନ୍ସିପାଲଙ୍କୁ କ'ଣ ଅବଗତ କଲେ କହିପାରିବିନି, ବଡ଼ଭାଇମାନେ କ୍ଲାସରୁମ୍‌ରେ ଅନ୍ୟମାନଙ୍କୁ କ'ଣ ବଖାଣିଲେ ସେ କଥା ପରକଥା, ମୁଁ କିନ୍ତୁ ସରିତା ଉପରେ ରାଗି ଖପ୍ପା । ଦିନ ସାରା ଶ୍ରେଣୀରେ ତା' ସହ ଆଦୌ କଥା ହେଲିନି କି ମୁହଁକୁ ଚାହିଁଲିନି । ମାତ୍ର ଅପରାହ୍ଣରେ ଯେତେବେଳେ ଫିଲ୍ଡରେ ସରିତାକୁ ମୁଁ ଦେଖିଲି ଲାଗୁଥିଲା ସତେ ଯେପରି ସେ ଗୋଟାଏ ବଡ଼ ଭୁଲ୍ କରିଛି ଆଉ କହୁଛି ଗୌରାଙ୍ଗ ମୋତେ ଭୁଲ୍ ବୁଝିବୁନି । ଆଉ କେବେ ବି କୌଣସି ବହିରେ କାଗଜ ଖଣ୍ଡେ ବି ରଖିବିନି ।



# ନବୋଦୟ : ଭିନ୍ନ ଏକ ଦୃଷ୍ଟିକୋଣ

**ଶକ୍ତିପ୍ରସାଦ ମହାନ୍ତି**

'ନବୋଦୟ' ଏକ ଶବ୍ଦ ନୁହେଁ, ନୁହେଁ ବି କେବଳ ସନ୍ଧି ବିଚ୍ଛେଦର ସମାହାର, ଏହା ଏକ ସ୍ୱପ୍ନ, ଏକ ଭାବ ଏବଂ କିଛି ହସ କାନ୍ଦ ମିଶା ଆବେଗର ସମଷ୍ଟି, ଯାହାକୁ ମାନସପଟରୁ ଲିଭେଇବା ଏକ ଅସମ୍ଭବ ଦୂରୁହ ବ୍ୟାପାର । କ'ଣ ବା ଲେଖିବି ତା' ବିଷୟରେ, କହି ବସିଲେ କେତେ ରାତି ପାହିଯିବ ଆଉ ଲେଖିଲେ ପୋଥିଟିଏ ହେବ ବୋଧହୁଏ । ନା, ତଥାପି ଲେଖିବି, ନ ଲେଖିଲେ ହୁଏ ତ କ୍ଷମା କରି ପାରିବିନି ନିଜକୁ, କିମ୍ବା ସୁଝି ପାରିବିନି ସାତ ବର୍ଷର ସେ ଅସରନ୍ତି ଋଣର କିଞ୍ଚିତ ଅଂଶ । ଏଥର ଲେଖୁଛି ମୋ' ଅନୁଭୂତିର ନବୋଦୟରୁ ପଦେ...

ଆଜିକାଲିର ଏ ରୁଟିନ ବନ୍ଧା ଜୀବନର ଅପରାହ୍ନରେ କେବେକେବେ ଏକାନ୍ତରେ ବସିଥିବା ବେଳେ ମନର ସେ ଝରକାଟା ଖୋଲି ଦଲକାଏ ପବନ ଭଳି ପଶିଆସେ ନବୋଦୟର ସେ ପରିଚିତ ଖିଆଲଟା । ମନେପଡ଼େ ସେ ପିଲାବେଳ ଯେଉଁଦିନ ନବୋଦୟର ସେ ନୀଳ ଗେଟଟା ଖୋଲି ନୂଆ ଏକ ଦୁନିଆ ଭିତରେ ପାଦ ଦେଇଥିଲି, ଏବେ ହୁଏତ ବଦଳିଯିବଣି କଳଙ୍କି ଲଗା ସେ ଗେଟର ରଙ୍ଗ, ବଦଳିଯିବଣି ନବୋଦୟର ସେ ରୂପରେଖ । ତଥାପି ସେ ସେମିତି ଦଣ୍ଡାୟମାନ, କେତେକେତେ ଶିଶୁ କଳିକାକୁ ଛୋଟରୁ ବଡ଼ କରି ବାସ୍ନା ଆଉ ସୌନ୍ଦର୍ଯ୍ୟଯୁକ୍ତ ଫୁଲରେ ପରିପ୍ରକାଶ କରିବାର ଗୌରବରେ ଗରୀୟାନ । ବହୁତ କାନ୍ଦିଥିଲି ସେ ପ୍ରଥମଦିନ ଆଉ ନବୋଦୟ ଛାଡ଼ିବାର ସେ ଶେଷ ଦିନରେ, ମାତ୍ର ପାର୍ଥକ୍ୟ ଥିଲା ଦୁଇଟି ଦିନର କାନ୍ଦରେ, ବୁଝିଲା ଲୋକେ ବୁଝିପାରିବେ । ଆଜିକାଲିର ଏ ନବନିର୍ମିତ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ (Public School) ଆଉ ମୋ' ନବୋଦୟ ବିଦ୍ୟାଳୟ ମଧ୍ୟରେ ବୋଧହୁଏ ତୁଳନା କରାଯାଇପାରେନା । ସବୁଆଡ଼େ ପାଶ୍ଚାତ୍ୟ ଶିକ୍ଷା ଆଉ ସଭ୍ୟତା ଆଡ଼କୁ ଧାଇଁବାର ଅହରହ ପ୍ରୟାସ ମଧ୍ୟରେ ନୈତିକତା, ମୂଲ୍ୟବୋଧ, ଶିକ୍ଷା ଆଉ ସଂସ୍କୃତିର ବୋଝକୁ ସାଥିରେ ଧରି ଆଗେଇ ଚାଲିଛି ଆମ ନବୋଦୟ ।

ଆଜିକାଲି ସକାଳେ ନିଦ ଭାଙ୍ଗିଲେ ଆପଣମାନଙ୍କର ମନେପଡ଼େ କି ନାହିଁ ମୁଁ ଜାଣେନି, କିନ୍ତୁ ମୋର ମନେପଡ଼ିଯାଏ ପିଟି ସାର୍‌ଙ୍କର ସେ ହୁଇସିଲ ଶବ୍ଦ । ଦଉଡ଼ିବାକୁ ଇଚ୍ଛା ନଥିଲେ ମଧ୍ୟ ପିଟିସାର୍‌ଙ୍କର ସେ ଭିନ୍ନ ଶୈଳୀର ଡାକରେ 'ଟାଉଟର, କେତେ ଆଉ ଶୋଇବୁ ' - ଏଇ କଥା ପଦକରେ ଟ୍ରାକ ପ୍ୟାଣ୍ଟ ଆଉ ହାଉସ ଡ୍ରେସ୍ ପିନ୍ଧି ପଡ଼ିଆରେ ହାଜର ହେଇଯାଏ ଏ ପିଲାଟି । ପାଞ୍ଚ ରାଉଣ୍ଡ ଦୌଡ଼ିବା ପରେ ଡ୍ରିଲ କଲାବେଳେ ଯଦି ଅକସ୍ମାତ ରାତିର ବଳକା ନିଦର ହାଇଟିଏ ପାଟିରୁ ବାହାରି ଆସେ, ଆଉ ଦୁଇ ରାଉଣ୍ଡ ଏକ୍‌ସଟ୍ରା ଦୌଡ଼ିବାର ପୁରସ୍କାରର କଥା ଭାବିଲେ ଆଜି ବି ହସ ମାଡ଼େ । ସେତେବେଳେ ଅଜାଣତରେ ଏକ୍ସରସାଇଜର ଫାଇଦା ଏତେ ହଉଥିଲା ଭାବିଲା ବେଳକୁ ଇଚ୍ଛାହୁଏ, ସେ ପିଲାଦିନ ପୁଣି ଫେରିଆସନ୍ତା କି...

ଇଏତ ଗଲା ସକାଳର କଥା... ତା'ପରେ ଆରମ୍ଭ ହୁଏ ସକାଳର ଜଳଖିଆ ପର୍ବ । ସପ୍ତାହକ ୭ ଦିନରେ ୭ ପ୍ରକାର ଖାଦ୍ୟର ବ୍ୟବସ୍ଥା କାହିଁ କେଉଁ ରାସ୍ତାକଡ଼ର ଜଳଖିଆ ଦୋକାନୀ ପାଖରେ ମିଳୁଥିବ, ତା' ମୁଁ ଦେଖିନି । କିନ୍ତୁ ମିଳେ ଆମ ନବୋଦୟରେ... ସେତେବେଳେ ହୁଏତ ପସନ୍ଦ ଆସୁନଥିଲା, କିନ୍ତୁ ଆଜି ଇଚ୍ଛାହୁଏ ସପ୍ତାହଟାଏ ଯାଇ ରୁହନ୍ତି କି ନବୋଦୟରେ, ଖାଲି ଖାଇବାର ସେ ସ୍ନେହବୋଳା ସ୍ୱାଦର ଆସ୍ୱାଦନ ପାଇବାକୁ । ପିଲାଏ ବେଳେବେଳେ ବ୍ରେକ୍‌ଫାଷ୍ଟ ଖାଆନ୍ତିନି, କିଛି ଅରୁଚିକର ଭାବି, ଆଉ କିଛି ଜଣ ନ ଖାଇବାକୁ ଗୋଟେ ଟ୍ରାଡ଼ିସନାଲ କଲଚର ଭାବିନିଅନ୍ତି । ହେଲେ ପିଲାଏ, ଜମା ସେ ଭୁଲ କରନି । ସେଭଳି ଖାଦ୍ୟ ଖାଇବାକୁ ମୋ' ପରି ପରେ ଝୁରିବ, ହେଲେ ତା'ଠୁ ବଡ଼ କଥା ହେଲା ଭବିଷ୍ୟତରେ ଗ୍ୟାସ, ଏସିଡ଼ିଟି ଆଦି ସମସ୍ୟା ଦେଖା ଦେବ । ସେଥିପାଇଁ ବ୍ରେକ୍‌ଫାଷ୍ଟ କେବେ ମିସ୍ କରିବ ନାହିଁ ।

ଆଉ ଖାଇବା ସାରି ପିଲା ସବୁ ଚାଲନ୍ତି ସ୍କୁଲ ଅଭିମୁଖେ । ଷଷ୍ଠ, ସପ୍ତମରେ ବ୍ୟାଗ ନେଇ ଯିବାର ଅଭ୍ୟାସଟା ଅଷ୍ଟମ, ନବମ ଶ୍ରେଣୀ ଆଡ଼କୁ, ହାତରେ ପାଞ୍ଚ ସାତ ଖଣ୍ଡ ଖାତା ବହି

ନେଇ ସ୍କୁଲ ଯିବା, ଆଉ ସେତିକିରେ ପୁରା ୮ଟା ପିରିୟଡ଼ର ପାଠ ପଢ଼ିବା କୌଶଳଟି ନବୋଦୟ ପିଲାଙ୍କୁ ବେଶ୍ ଭଲ ଭାବେ ଜଣା । ପାଠକେ ଭାବୁଥିବେ ପିଲାମାନେ ପାଠ ପଢ଼ନ୍ତିନି ବୋଧେ, ଆରେ ନା ନା, ସରକାରଙ୍କର ବ୍ୟାଗ୍ ଓଜନ ହ୍ରାସ କରିବା ସ୍କିମ୍‌ଟା ବାହାରିବା ପୂର୍ବରୁ ନବୋଦୟ ପିଲାମାନେ ବୋଧହୁଏ ବୁଝି ଯାଇଥିଲେ ଏଇଟା । କାରଣ କ୍ଲାସ୍‌ରେ ଆଉ ଅଧା ବହି ତା' ପୂର୍ବ ଦିନ ଇଭିନିଙ୍ଗ କ୍ଲାସରୁ ରଖିଦେଇ ଆସନ୍ତି ସେମାନେ । ଏଥିରୁ ବୁଝିପାରୁଥିବେ ଆପଣ how smart they are...

ଆଉ ତା'ପରେ ଆରମ୍ଭ ହୁଏ ମର୍ଣ୍ଣିଂ assembly ... ପ୍ରାର୍ଥନା ପରେ pledge, thought, news, quiz ଇତ୍ୟାଦି ପିଲାଟିର ଚିନ୍ତନ ଶକ୍ତିକୁ ବୁଦ୍ଧିମନ୍ତ କରିଥାଏ । ଆଜି ବି You Tubeରେ କେଉଁଠି 'ଇତନୀ ଶକ୍ତି ହମେ ଦେନା ଦାତା' ଗୀତଟି ଶୁଣିଲେ ମନେ ପଡ଼ିଯାଏ ନବୋଦୟ କଥା । ପ୍ରାର୍ଥନା ପରେ ପରେ ଆରମ୍ଭ ହେଇଯାଏ କ୍ଲାସ ସବୁ । ଠିକ୍ ଗୋଟାଏରେ ପିଲାଙ୍କର ଛୁଟିହୁଏ... ଘଣ୍ଟାରେ ୧୨:୫୫ ହେଲା ମାନେ ପିଲାଏ ଚାହାନ୍ତି ଘଣ୍ଟାକୁ, କେତେବେଳେ ସେ ମିନିଟ କଣ୍ଟାଟା ଗୋଟାଏ ବାଜିବାର ଇଙ୍ଗିତ ଦେବ ଆଉ ସ୍କୁଲ bell ଟି ଟିଂ ଟିଂ ହେଇ ବାଜିବ... ଆଉ bell ବାଜିବା ମାତ୍ରେ ଆରମ୍ଭ ହେଇଯାଏ ଦୌଡ଼, ୧୦୦ ମିଟର ଦୌଡ଼ରେ ବି ଏତିକି ସ୍ପିଡ୍‌ରେ ଦୌଡ଼ି ନଥିବେ ଆପଣ । ଆଉ ସେ ପେଟର ଭୋକ ସମୟରେ ମେସ୍‌ର ସେ ଭାତ ଆଉ ତା' ସାଙ୍ଗକୁ ପୋଟଳ ତରକାରୀ (ଅଲଗା ଦିନ ଅଲଗା ତରକାରୀ ହୁଏ) ଅମୃତ ଖାଇଲା ପରି ଲାଗେ । ଖାଇଲାବେଳେ ସେ ଡାଲିପାଣିକୁ ସୁଡୁସୁଡୁ କରି ପିଇବା, ଆଉ ଟ୍ରେ ଧୋଇଲା ପରେ ବିନା ଗ୍ଲାସରେ ସେ ଟ୍ରେରେ aquaguardରୁ ପାଣି ପିଇବାର ମଜା କେବଳ ଜଣେ ନବୋଦୟାନକୁ ଜଣା ।

ଆଜିକାଲିର parents ମାନେ ନବୋଦୟକୁ ପିଲାଙ୍କୁ ଛାଡ଼ିବା କଥା ହେଲେ ଡରିଯାନ୍ତି । କିନ୍ତୁ ବାପା ମା' ବଦଳରେ ସେଠି ପିଲାଙ୍କୁ ମିଳନ୍ତି ବାପା ମା' ରୂପୀ ଶିକ୍ଷକ ଶିକ୍ଷୟତ୍ରୀମାନେ, ଯିଏକି ୨୪ ଘଣ୍ଟା ପିଲାମାନଙ୍କ ପାଖେ ପାଖେ ରହି ସେମାନଙ୍କୁ ଗାଇଡ଼ କରନ୍ତି । ଯେଉଁଟା କି ଆଜିକାଲିର Serviceholder ବାପା ମା' ମାନଙ୍କ ପକ୍ଷେ ସମ୍ଭବ ହୁଏନି ବୋଧହୁଏ । କିନ୍ତୁ ସେଇ parents ମାନେ ଯେତେବେଳେ ଟିଭି ପରଦାରେ ପ୍ରତ୍ୟେକ ବର୍ଷ ନବୋଦୟ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ପାସ୍ ପ୍ରତିଶତ ଅନ୍ୟ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ତୁଳନାରେ ଅଧିକ ଥିବାର ଦେଖନ୍ତି, ସେତେବେଳେ ସେମାନଙ୍କ ମୁଣ୍ଡରେ ଉଙ୍କି ମାରେ ଗୋଟାଏ ପ୍ରଶ୍ନ, 'ବିନା କୌଣସି tuitionରେ ପିଲାଏ ଏତେ ଭଲ ରେଜଲ୍‌ଟ କରନ୍ତି କେମିତି ?' । ଆଉ ସେତେବେଳେ ନିଜକୁ ନବୋଦୟ ପରିବାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ମନେ କରି ଖୁସିରେ କୁଣ୍ଢେମୋଟ ହେଇଯାଏ ପ୍ରତ୍ୟେକଟି ନବୋଦୟାନର ଛାତି । ଆଉ ଏଇ ରେଜଲ୍‌ଟର ସଫଳତାର ସୂତ୍ର ହେଉଛି ପ୍ରତ୍ୟେକ ନବୋଦୟ ବିଦ୍ୟାଳୟରେ ହେଉଥିବା ରେମେଡିଆଲ (remedial) ଓ evening କ୍ଲାସ୍ । ହଁ ଆଜ୍ଞା, ଏଇ କ୍ଲାସ ମାଧ୍ୟମରେ ହୁଏ ପିଲାମାନଙ୍କର ପାଠର ପାକୁଳି । ଆଉ ସେ ପାଠ ସଦୃଶ ଖାଦ୍ୟକୁ ମନ ରୂପକ ପାଟିରେ ପାକୁଳି କଲାବେଳେ ଯଦି କିଛି ଖଦଡ଼ ରହିଯାଏ, ତାକୁ ଦୂର କରିବାକୁ ଥାଆନ୍ତି ଅଭିଜ୍ଞ ଶିକ୍ଷକମାନେ, ଯେଉଁଟା କି ଆଜିକାଲିର ପବ୍ଲିକ ସ୍କୁଲମାନଙ୍କରେ ମିଳେ ନାହିଁ । ଏବେ ହୁଏତ ଆପଣମାନେ ଭାବୁଥିବେ କି ଏତେ ସୁବିଧା ସୁଯୋଗ ଯୋଗୁଁ ପିଲାଏ ଭଲ ରେଜଲ୍‌ଟ କରୁଛନ୍ତି ବୋଧେ । ନାହିଁ ଆଜ୍ଞା, ରବିବାର ପରିକା ଛୁଟିଦିନରେ ଯେତେବେଳେ ପବ୍ଲିକ ସ୍କୁଲରେ ପଢୁଥିବା ପିଲାଟି ମଇଳା ଡ୍ରେସ୍‌ଗୁଡିକୁ washing machineରେ ପକେଇ ଦେଇ ସାଙ୍ଗମାନଙ୍କ ସହ ବୁଲିବାକୁ ଚାଲିଯାଏ, ସେତେବେଳେ ନବୋଦୟ ବିଦ୍ୟାଳୟର ଏଇ କୁନି ପିଲାଟି ତା'ର କୁନି କୁନି ହାତରେ ନିଜର ଡ୍ରେସ୍ ନିଜେ ସଫା କରେ, ଖାଲି ଡ୍ରେସ୍ ନୁହେ, ସଫା କରେ ନିଜେ ରହୁଥିବା ହଷ୍ଟେଲର ଚତୁଃପାର୍ଶ୍ୱ । କେତେବେଳେ ଘାସ ଉପାଡ଼େ ତ କେତେବେଳେ ପାଣି ଦିଏ ତା' ପରି ନୂଆ ନୂଆ ଦୁନିଆ ଦେଖୁଥିବା କୁନି କୁନି ଗଛ ମୂଳରେ । ବର, ବାଲିଆ ମାଟିରେ ବି ଗଛ ଲଗେଇ ପାଣି ପକେଇ ସେଥିରେ ଫୁଲ ଫଳ ଫୁଟାଇବାର କୌଶଳ ରଖନ୍ତି ଏ ନବୋଦୟର ପିଲାମାନେ । ଆଉ ଆପଣ କେମିତି ଭାବୁଛନ୍ତି ଯେ ବୋର୍ଡ଼ ପରୀକ୍ଷାରେ ଭଲ ରେଜଲ୍‌ଟ କରିବା ଏମାନଙ୍କ

ପକ୍ଷେ ଅସମ୍ଭବ ବୋଲି । ଯେକୌଣସି ପରିବେଶ, ପରିସ୍ଥିତିରେ ରହି ମଧ୍ୟ ସେଥିରୁ ଉନ୍ନତ ମନର ଫଳାଫଳ ଉପୂନ କରିବାରେ ସିଦ୍ଧହସ୍ତ ହେଇଯାଏ ଷଷ୍ଠ ଶ୍ରେଣୀର ସେଇ ନିଷ୍ପାପ ପିଲାଟି ।

ଆଚ୍ଛା, ପାଠକେ ଭାବୁଥିବେ ରବିବାରରେ ମଧ୍ୟ ପିଲାଟି ମନୋରଞ୍ଜନ କରିପାରେନି ବୋଧେ... ନାହିଁ ଆଜ୍ଞା, ବୋଧହୁଏ ସେ ଅଧିକ ମଜା କରେ, ଆଜିକାଲିର ଅତ୍ୟାଧୁନିକ ଶୈଳୀରେ ବଢୁଥିବା ପିଲାମାନଙ୍କ ଅପେକ୍ଷା । ଫୋନ୍‌ରେ ଭିଡିଓ ଗେମ୍ ଖେଳିକି ନୁହେଁ, ସାଙ୍ଗସାଥିଙ୍କ ସହ କ୍ରିକେଟ ଖେଳିକି, ହଷ୍ଟେଲ ବାହାରେ ପୁଆବାଡ଼ି ଖେଳିକି, ବିନା କୌଣସି ଫୋନ୍‌ରେ ବି ସେ ମନ ଖୋଲି ହସେ, ଖୁସି ହୁଏ । ଗାଧୋଇପାଧୋଇ ସେ ବି ଟିକେ ଜିନସ୍ ପିନ୍ଧି, ପରଫ୍ୟୁମ ପକେଇ ବାହାରି ଯାଏ ଟିଭି ଦେଖିବାକୁ । ଆଜ୍ଞା ହଁ, ପିଲାମାନଙ୍କର ସମୂହ ମନୋରନ ପାଇଁ ସପ୍ତାହରେ ଥରେ ଟିଭି ବି ଦେଖିବାକୁ ମିଳେ । ଗୋଟିଏ ଜାଗାରେ ସମସ୍ତେ ମିଶିକି ସିନେମାର ମଜା ନିଅନ୍ତି, ଠିକ ଗୋଟେ ସିନେମା ହଲ ପରିକା । ଏଥର କୁହନ୍ତୁ ତ, ତା' ଆନନ୍ଦ ଠାରୁ ବଳି ସ୍ୱଚ୍ଛ ଆନନ୍ଦ ଅଛି କି ଆଉ ?

ଧେତ୍, ଛାଡ଼ନ୍ତୁ ସେକଥା । ଆପଣ ଭାବୁଥିବେ ପାଖରେ ବାପା ମା' ନଥାଇ କି ଖୁସିରେ ଥିବା ପିଲାଟି, ଏଇଆ ଭାବୁଛନ୍ତି ନା, ଯଦି ଭାବୁଥାନ୍ତି ତେବେ ଭୁଲ ଭାବୁଛନ୍ତି ... ତା' ପାଖରେ ଥାଏ ନବୋଦୟର ପୂରା ପରିବାର । ହଷ୍ଟେଲରେ ସାଙ୍ଗସାଥିଙ୍କ ଠୁ ଆରମ୍ଭ କରି ଜୁନିଅର, ସିନିଅର ଭାଇ ଭଉଣୀମାନେ କୌଣସି ପରିବାର ଠାରୁ କମ୍ ନୁହଁ । ସେମାନଙ୍କ ଠାରୁ ସେ ପାଏ ଯଥେଷ୍ଟ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା । ହଷ୍ଟେଲରେ ଭୁଲ କଲେ ଯେଉଁ ସିନିଅର ଭାଇଟି ଗାଳିଦିଏ, ଦେହ ଟିକେ ଖରାପ ହେଲେ ସେଇ ଭାଇ ପାଖରେ ରହି ପିଲାଟିର ସୁବିଧା ଅସୁବିଧା ବୁଝେ । ଦେହ ଖରାପ ହେଲେ ନବୋଦୟରେ ମଧ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ତ ସୁବିଧା ଯୋଗାଇ ଦିଆଯାଏ । ଆଉ ମା' ଭଳି ଔଷଧ ଯୋଗାଇ ଦିଅନ୍ତି ନର୍ସ ମ୍ୟାଡ଼ାମ ।

